Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 240
Saturday, 7 November 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୭ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ ଟଙ୍କା
Seitho Arambha
Seithoarambha
www.seithoarambha.com

ସେଉଁଠୁ ଆରମ୍ଭ

SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଶୁଭାରମ୍ଭ

ଭୁବନେଶ୍ୱର, ୬/୧୧ (ଆ.ପ୍ର) : କେନ୍ଦୁଝର ମାଟିରୁ ଏକାଧାରରେ ଗ୍ରାମ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତିଭୂମି କ୍ଷେତ୍ରରେ ଏକ ଅଭୂତପୂର୍ବ ଓ ଐତିହାସିକ ପରିବର୍ତ୍ତନର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଯାଇ ଗ୍ରାମ୍ୟ ସରକାରଙ୍କ ପ୍ରମୁଖ ଶିକ୍ଷା ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ତୃତୀୟ ପର୍ଯ୍ୟାୟ ଜିଡିପ୍ରସ୍ତର ସ୍ଥାପନ କରିଛନ୍ତି । ସୂଚନାଯୋଗ୍ୟ ଯେ, ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ୬୩୦ଟି ସ୍କୁଲର ଜିଡିପ୍ରସ୍ତର ସ୍ଥାପିତ ହୋଇଥିବାବେଳେ ଏଥିରେ କେନ୍ଦୁଝର ଜିଲ୍ଲାର ୩୫ଟି ବିଦ୍ୟାଳୟ ସାମିଲ ରହିଛି । ପ୍ରାୟ ୪୦୦୦କୋଟି ଟଙ୍କା ବ୍ୟୟରେ ଏହି ସମସ୍ତ ବିଦ୍ୟାଳୟ ନିର୍ମାଣ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ୬୩୦ଟି ସ୍କୁଲର ଜିଡିପ୍ରସ୍ତର ସ୍ଥାପିତ ହୋଇଥିବାବେଳେ ଏଥିରେ କେନ୍ଦୁଝର ଜିଲ୍ଲାର ୩୩ଟି ବିଦ୍ୟାଳୟ ସାମିଲ ରହିଛି । ପ୍ରାୟ ୪୦୦୦କୋଟି ଟଙ୍କା ବ୍ୟୟରେ ଏହି ସମସ୍ତ ବିଦ୍ୟାଳୟ ନିର୍ମାଣ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଶିକ୍ଷାକୁ ବ୍ୟାପକ ଉତ୍ସାହ ପ୍ରଦାନ କରିବା ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଡେଂଟାଲ କଲେଜ ଏବଂ ୬୩ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ନର୍ସିଙ୍ଗ କଲେଜର ଜିଡିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହିତ କେନ୍ଦୁଝଠାରେ ଏକ ସରକାରୀ ଫାର୍ମାସୀ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ଘୋଷଣା କରିଥିଲେ । ଏହା ବ୍ୟତୀତ ୧୦କୋଟି ଟଙ୍କାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ୩୨କୋଟି ଟଙ୍କାରେ ମହୁଲାଗୁଡି କଲ୍ୟାଣ, ମଲ୍ଲି-ଯୁତିଟିତି ସେଂଟର, ପୋଲିସ ଆଉଟପୋଷ୍ଟ ଏବଂ ୩୦-ଜଣିଆ



ଅସାମ ଦ୍ୱାର ଖୋଲିଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିସହିତ ଧଣଶାଧର ମେଡିକାଲ କଲେଜ ପରିସରରେ ଉତ୍ତର ସହଯୋଗରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ଗାଜୀପ ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଭିତ୍ତିକ 'ପ୍ରିଫେବ୍ରିକ୍ ଲ୍ୟାବରେଟ୍ରି ସ୍ଟ୍ରକ୍ଚି ଲେନ୍ଦ୍ର' ଲୋକାର୍ପିତ ହୋଇଛି, ଯେଉଁଠାରେ ସମସ୍ତ ସେବା ସମ୍ପୂର୍ଣ୍ଣ ମାଗଣାରେ ଯୋଗାର ବିଆଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଶିକ୍ଷାକୁ ବ୍ୟାପକ କରିବା ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଡେଂଟାଲ କଲେଜ ଏବଂ ୬୩ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ନର୍ସିଙ୍ଗ କଲେଜର ଜିଡିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହିତ କେନ୍ଦୁଝଠାରେ ଏକ ସରକାରୀ ଫାର୍ମାସୀ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ଘୋଷଣା କରିଥିଲେ । ଏହା ବ୍ୟତୀତ ୧୦କୋଟି ଟଙ୍କାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ୩୨କୋଟି ଟଙ୍କାରେ ମହୁଲାଗୁଡି କଲ୍ୟାଣ, ମଲ୍ଲି-ଯୁତିଟିତି ସେଂଟର, ପୋଲିସ ଆଉଟପୋଷ୍ଟ ଏବଂ ୩୦-ଜଣିଆ ଦାରାକ୍ ମଧ୍ୟ ଲୋକାର୍ପିତ ହୋଇଛି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିକାଶ ଧାରାକୁ ଦୃଢ଼ୀକରଣ କରିବା ନିମନ୍ତେ ମୋଟ ୧୨୯୨କୋଟି ଟଙ୍କାର ବ୍ୟୟରେ ୩୩୦ଟି ପ୍ରକଳ୍ପର ମଧ୍ୟ ଉଦ୍ଘାଟନ ଓ ଜିଡିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ମଧ୍ୟରୁ ପ୍ରାୟ ୪୧୨କୋଟି ଟଙ୍କାର ୧୯୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୮୮୦ କୋଟିରୁ ଅଧିକ ମୂଲ୍ୟର ୧୩୨ଟି ନୂତନ ପ୍ରକଳ୍ପର ଜିଡିପ୍ରସ୍ତର ସ୍ଥାପନ କରାଯାଇଛି । ଏମାସେଣ୍ଟକୁ ଉପଦେଖାର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଚାପରିବୃତ୍ତ ଘୋଲ ପ୍ରକାଶ କରିଥିଲେ ଯେ ଓଡ଼ିଶା ପାଇଁ ସେ ମୁଖ୍ୟମନ୍ତ୍ରୀ ହୋଇପାରିଛି, କିନ୍ତୁ କେନ୍ଦୁଝରେ ରହିବାକୁ ପାଇଁ ସେ ସେଇ ପୁରୁଣା 'ମୋହନ ବାରା' । ନିଜର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଜନ୍ମମାଟିରେ ସେବା କରିବାକୁ ଯେ ଓଡ଼ିଶା ପାଇଁ ସେ ପ୍ରତିଶ୍ରୁତି କରିଥିଲେ । ପ୍ରଥମ ୩ବର୍ଷରେ ୨ ହଜାର ୨୦୦ ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୬ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ । ଅନୁନ୍ୟ ୫ ଏକର ଜମି ଓ ଗମନାଗମନର ସୁବିଧା ଥିବା ଗ୍ରାମଗୁଡ଼ିକରେ ଏହି ସ୍କୁଲ ସ୍ଥାପିତ ହେଉଛି । ପୂର୍ବରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜନ୍ମସ୍ଥାନ ତାଣପୁରରୁ ୧୧୮ଟି ଏବଂ ଖୋର୍ଦ୍ଧାରୁ ୨୦୪ଟି ସ୍କୁଲର ଜିଡିପ୍ରସ୍ତର ସ୍ଥାପନ ହୋଇଥିବାବେଳେ ଆଜି ତୃତୀୟ ପର୍ଯ୍ୟାୟରେ ରାଜ୍ୟରେ ୬୩୦ଟି ବିଦ୍ୟାଳୟର ଜିଡିପ୍ରସ୍ତର ସ୍ଥାପିତ ହୋଇଛି, ଯାହା ମୋଟ ୯୫୨ଟି ବିଦ୍ୟାଳୟର ଜିଡିପ୍ରସ୍ତର ସ୍ଥାପନ ସହ ଶିକ୍ଷାର ରୂପାନ୍ତରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଅବସରରେ କେନ୍ଦୁଝର ଜିଲ୍ଲାରେ ୩୫ଟି ଆଦର୍ଶ ବିଦ୍ୟାଳୟ ପାଇଁ ଜିଡିପ୍ରସ୍ତର ରଖାଯାଇଛି । ଏହି ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଶ୍ରେଣୀଗୃହ, ଡିଜିଟାଲ ଉପକରଣ, କ୍ରୀଡ଼ା ଉପକରଣ ସହିତ 'ନିପୁଣ ଓଡ଼ିଶା' ଅଧୀନରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାକୁ ପ୍ରୋତ୍ସାହିତ କରାଯିବ । କେନ୍ଦୁଝର ଭଳି ଆଦିବାସୀବହୁଳ ଜିଲ୍ଲାରେ ଏହି ବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନର କେନ୍ଦ୍ର ନୁହେଁ ଗ୍ରାମାଞ୍ଚଳ ଓ ଆଦିବାସୀ ଅଂଚଳର ଶିଶୁମାନଙ୍କ ପାଇଁ ସାମାଜିକ ଗଠନର ମନ୍ଦିର ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ଜନସାଧାରଣଙ୍କ ସୁବିଧା ଏବଂ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଛାତ୍ରଛାତ୍ରୀଙ୍କ ନିମନ୍ତେ 'National Common Mobility କାର୍ଡ ' ବା ମାଗଣା ବସ୍ ସେବା କାର୍ଡର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି ।

ଫେବୃଆରୀ ୧୬ରୁ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା

ନୂଆଦିଲ୍ଲୀ, ୬/୧୧ (ନ୍ୟୁ.ଏ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପକ୍ଷରୁ ଆଜି ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଆସନ୍ତା ୨୦୨୭ ଫେବୃଆରୀ ୧୬ ତାରିଖ ମଙ୍ଗଳବାରଠାରୁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଆରମ୍ଭ ହେବ । ପ୍ରତ୍ୟେକ ଦିନ ପୂର୍ବାହ୍ନ ସାଢ଼େ ୧୦ଟାରୁ ପରୀକ୍ଷା ହେବ । ବୋର୍ଡ ପକ୍ଷରୁ ୧୦୧ ଦିନ ପୂର୍ବରୁ ଏହି କାର୍ଯ୍ୟସୂଚୀ ଜାରି କରାଯାଇଛି, ଯାହା ଉଚ୍ଚାୟ ଶିକ୍ଷାନୁଷ୍ଠାନ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତି ନିମନ୍ତେ ଯଥେଷ୍ଟ ସମୟ ପ୍ରଦାନ କରିବ । ବୋର୍ଡ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ଜାରି ସୂଚନା ଅନୁସାରେ, ଚଳିତ ଶିକ୍ଷାବର୍ଷରେ ଦେଶ ତଥା ବିଦେଶରୁ ମୋଟ ୪୬ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପଞ୍ଜିକରଣ କରିଛନ୍ତି । ଏଥିରେ ଦଶମ ଶ୍ରେଣୀର ୨୬.୫ଲକ୍ଷରୁ ଅଧିକ ଓ ଦ୍ୱାଦଶ ଶ୍ରେଣୀର ୧୯.୮ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ସାମିଲ ଅଛନ୍ତି । ବୋର୍ଡ ପକ୍ଷରୁ ଦଶମ ଶ୍ରେଣୀର ୮୩ଟି ଓ ଦ୍ୱାଦଶ ଶ୍ରେଣୀର ୧୨୧ଟି ବିଷୟ ପାଇଁ



ପରୀକ୍ଷା ଆୟୋଜନ କରାଯାଉଛି । ଏହି ପରୀକ୍ଷା କାର୍ଯ୍ୟସୂଚୀ ପ୍ରସ୍ତୁତିବେଳେ ପ୍ରମୁଖ ବିଷୟଗୁଡ଼ିକ ମଧ୍ୟରେ ଉପଯୁକ୍ତ ବ୍ୟବଧାନ ରଖାଯିବା ସହ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ମାଧ୍ୟମ ସ୍ତରର ବିଭିନ୍ନ ପୂର୍ବବେଶିକା ପରୀକ୍ଷା ସୂଚୀକୁ ମଧ୍ୟ ଧ୍ୟାନରେ ରଖାଯାଇଛି । ଅସୀମିତ ସ୍କୁଲଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷାର୍ଥୀଙ୍କ ତାଲିକା ଦାଖଲ କରିଥିବାକୁ ଏବଂ ଆସୁଆ ସୂଚୀ ପ୍ରକାଶ ସମୟ ହୋଇପାରିଛି ବୋଲି ସିବିଏସଇ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଜଂଯମ ଉରଜୁଳ ସୂଚନା ଦେଇଛନ୍ତି । ପରୀକ୍ଷା କାର୍ଯ୍ୟକ୍ରମ ଆସୁଆ ପ୍ରକାଶ ପାଇବା ଫଳରେ ବିଦ୍ୟାର୍ଥୀଙ୍କ ମାନସିକ ଚାପ ହ୍ରାସ ପାଇବ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ନିଜସ୍ୱ କାର୍ଯ୍ୟକ୍ରମ ସହ ଅଣବୋର୍ଡ ଶ୍ରେଣୀଗୁଡ଼ିକର ଶିକ୍ଷାଦାନ ଅଦ୍ୟାବଧି ଜାରିରଖିପାରିବେ । ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ବିସ୍ତୃତ ବିବରଣୀ ତଥା ବିଷୟଗୁଡ଼ୀ ତାରିଖ ସୂଚୀ ବୋର୍ଡର ଆନୁଷ୍ଠାନିକ ୱେବସାଇଟ୍ www.cbse.gov.inରେ ଉପଲବ୍ଧ ହୋଇଛି ।

ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ବାଲିଆପାଳ ସବ୍-ରେଜିଷ୍ଟ୍ରାର୍

ବାଲେଶ୍ୱର, ୦୬/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳର ସବ୍-ରେଜିଷ୍ଟ୍ରାର ତଥା ଓଡ଼ିଶା ରାଜସ୍ୱ ସେବା (ଓଆରଏସ) ଅଧିକାରୀ ମନୀଷା ମିଶ୍ରଙ୍କୁ ୭ ହଜାର ଟଙ୍କା ଲାଂଚ ନେବାବେଳେ ଶୁକ୍ରବାର ଓଡ଼ିଶା ଭିଜିଲାନ୍ସ ଟିମ୍ ଯୋଜନାବଦ୍ଧ ଭାବେ ଜାଲ ବିଛାଇ ଶୁକ୍ରବାର ୭ ହଜାର ଟଙ୍କା ଲାଂଚ



ନେଉଥିବା ସମୟରେ ମନୀଷା ମିଶ୍ରଙ୍କୁ ଧରିଥିଲା । ତାଙ୍କ ନିକଟରୁ ଲାଂଚର ସମ୍ପୂର୍ଣ୍ଣ ୭ ହଜାର ଟଙ୍କା ଜବତ କରାଯାଇଛି । ଏହି ଗ୍ରୁପ୍ ଅଫିସର ପରେ ଅଧ୍ୟ ଦର୍ଘିର୍ଭୂତ ଖ୍ୟାତି (ଡିଏ) ସମ୍ପର୍କିତ ଅଫୁସନ୍ଧାନ ଦୃଷ୍ଟିରୁ ତାଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନରେ ଏକକାଳୀନ ତଦ୍ଦନ୍ତ ଜାରି ରହିଛି । ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ କେସ୍ ନଂ ୨୬/୨୦୨୬ରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ମନୀଷା ମିଶ୍ରଙ୍କ ବିରୋଧରେ ତଦନ୍ତ ଜାରି ରହିଛି । ସୂଚନାଯୋଗ୍ୟ, ମନୀଷା ମିଶ୍ର ୨୦୨୪ ମସିହାରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ । ସେ ପରୀକ୍ଷାମୂଳକ ନିଯୁକ୍ତି ଅବଧିରେ ବାଲିଆପାଳରେ ସବ୍-ରେଜିଷ୍ଟ୍ରାର ଭାବେ କାର୍ଯ୍ୟରତ ଥିଲେ ।

ଆଖୁ ଚାଷର ହେବ ପୁନରୁଦ୍ଧାର

ଭୁବନେଶ୍ୱର, ୬/୧୧ (ଆ.ପ୍ର) : ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଖଣ୍ଡି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟରେ ଆଖୁ ଚାଷର ପୁନରୁଦ୍ଧାର ଓ ସମ୍ପ୍ରସାରଣ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟରେ ଆଖୁ ଚାଷର ବର୍ତ୍ତମାନର ସ୍ଥିତି, ପ୍ରମୁଖ ଆହ୍ୱାନ, ଏବଂ ଉଦ୍ୟୋକ୍ତାଙ୍କର ସମ୍ଭାବନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିସହ ଆଖୁ ଚାଷର ଜମି ପରିମାଣ, ମୋଟ ଉତ୍ପାଦନ, ଉତ୍ପାଦକତା, ଚାଷୀମାନଙ୍କ ଆର୍ଥିକ ଲାଭ-କ୍ଷତି, ଚିନି କଳଗୁଡ଼ିକର କାର୍ଯ୍ୟକ୍ଷମତା ଏବଂ 'ଟେକ୍ନୋଲୋଜି ମିଶନ ଅନ ସୁଗାରକେନ୍ ଟେକ୍ନୋଲୋଜିମେଂଟ' ଓ ସମ୍ବନ୍ଧୀୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ଉନ୍ନତମାନର ବିହନ ଆଖୁର ଉପଲବ୍ଧତା ନିଶ୍ଚିତ କରିବା, ଆଧୁନିକ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା, ଜଳସେଚନ ଭିତ୍ତିଭୂମିର ସମ୍ପ୍ରସାରଣ, କୃଷି ଯନ୍ତ୍ରପାତିର ବ୍ୟବହାର, ଚାଷୀ ଓ ଚିନି କଳ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଏବଂ ଓଡ଼ିଶା ଆଖୁ ଚାଷୀ ସଂଘ ଦ୍ୱାରା ଉ□ପିତ ଅତିରିକ୍ତ ଆର୍ଥିକ ସହାୟତା ଓ ରାଜ୍ୟଭାରର ମୂଲ୍ୟ ପ୍ରଦାନ ସମ୍ବନ୍ଧୀୟ ବାଦିବିବାଦିଙ୍କର ପରାକ୍ଷା-ନିରୀକ୍ଷା ନେଇ ରଣନୀତି ନିର୍ଦ୍ଧାରଣ କରାଯାଇଥିଲା । ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରସାଦ ପାଟିଲ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡଃ ପୋମା ପୁତୁ, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉତ୍ପାଦନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଭୋଟି ସରିଲା, କୋଳାହଳ କମିଲା

ଭୋଟିଆ, ୬/୧୧ (ଆ.ପ୍ର) : ଓଡ଼ିଶାର ତାତୁ ବିରୋଧ ସତ୍ତ୍ୱେ ଓଡ଼ିଶାରୁ ଭୋଟ୍ ନେବାରେ ସକ୍ଷମ ହୋଇଛି ଆନ୍ଧ୍ର । ସୀମା ଭିତରେ କୂଟ ଖୋଳି ନପାରିଲେ ବି ଭୋଟିଆର ଭୋଟର ଆନ୍ଧ୍ରକୁ ଯାଇ ଭୋଟ୍ ଦେଇଛନ୍ତି । ନିର୍ବାଚନ ପରେ କିଛି ପୁଲିସ ଓ ସୁରକ୍ଷାକର୍ମୀଙ୍କୁ ଛାଡି ଆଉ ସମସ୍ତେ ନିଜ ନିଜ ଜାଗାକୁ ଫେରିଯାଇଛନ୍ତି । ଏପଟେ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି । ତେବେ ନିର୍ବାଚନରୁ କାହାକୁ ମିଳିଲା ଫାଇଦା, ନିର୍ବାଚନ ସରିବା ପରେ ଭୋଟିଆର ପ୍ରାଖାସନିକ ଅଧିକାରୀ ଓ ନେତାଙ୍କ ଜିଦ୍ କମିଛି । କିନ୍ତୁ ଆନ୍ଧ୍ର ସୀମାରେ ଜଗିଛନ୍ତି ଓଡ଼ିଶା ପୁଲିସ୍ । ଭୋଟିଆ ସୀମାରେ ଚେକ୍ ପୋଷ୍ଟ କରି ଆନ୍ଧ୍ର ଏଜେଂଟଙ୍କ ଉପରେ ରଖିଛନ୍ତି ନଜର ।



କାରଣ ଆଗକୁ ଆସୁଛି ସରପଂଚ ଓ ୱାର୍ଡମେମ୍ବର ନିର୍ବାଚନ । ଏପଟେ କେତେ ପ୍ରତିଶତ ଭୋଟର ଆନ୍ଧ୍ର ଯାଇ ମତଦାନ କରିଛନ୍ତି ? ଭୋଟରଙ୍କୁ ଅଟକାଇବାରେ ଓଡ଼ିଶା କେତେ ସଫଳ ହୋଇଛି ? ସେ ନେଇ ଆରମ୍ଭ ହୋଇଛି ବୟାନବାଜି । କୋଖାପୁଟ ଜିଲ୍ଲାପାଳ କହିଛନ୍ତି, କୋଟିଆ ଭିତରେ ପୁରି ଦୁଇ କରାଇ ନଦେବା ଓଡ଼ିଶାର ପ୍ରଥମ ସଫଳତା । ମାତ୍ର ୧୦% କୋଟିଆ ଲୋକ ଆନ୍ଧ୍ରରେ ଭୋଟ୍ ଦେଇଛନ୍ତି । ଏଥିସହ କୋଟିଆରେ ବିକାଶ କାର୍ଯ୍ୟ ଜାରି ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି । କୋଟିଆ ବାସୀ ଆନ୍ଧ୍ର ଯାଇ ସେଠାରେ ଭୋଟ୍ ଦେବାକୁ ସହଜରେ ସୁଲଝ କରିପାରିନଥିବା ଓଡ଼ିଶା ରାଜନୈତିକ ଦଳର ନେତା । ଅଭିଯୋଗ କରି କହିଛନ୍ତି, ଅମାଡିଆ ଭୋଟରଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ନେଉ । ସେହିପରି ଦୁଇଟି ରାଜ୍ୟରେ ଭୋଟ୍ ଦାଖଲା ଉଚ୍ଚିତ ନୁହେଁ ବୋଲି ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ଦଳ ଉପନେତା । କୋଟିଆକୁ ନେଇ ଆନ୍ଧ୍ର ଓଡ଼ିଶା ବିବାଦ ଦୀର୍ଘ ଦିନର । ସୁପ୍ରିମକୋର୍ଟରେ ବି ମାମଲା ବିଚାରାଧୀନ ରହିଛି । ତଥାପି କୋଟିଆ ଉପରୁ ଆନ୍ଧ୍ରର ଲୋକ ଯାଉନି । ବାରମ୍ବାର ଓଡ଼ିଶା- ଆନ୍ଧ୍ର ସୀମାରେ ପଶୁଛି । ତେଣୁ ଏହାକୁ ରୋକିବା ଓଡ଼ିଶା ସରକାରଙ୍କ ପାଇଁ ବଡ଼ ଆହ୍ୱାନ ।

ରାଜ୍ୟର ସରକାରୀ ମେଡିକାଲ କଲେଜଗୁଡ଼ିକରେ ବଢ଼ିଲା ୩୧୮ଟି ପିଜି ସିଟ୍

ଭୁବନେଶ୍ୱର, ୬/୧୧ (ଆ.ପ୍ର) : ଜାତୀୟ ମେଡିକାଲ କମିଶନ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ପିଜି ଅନୁଷ୍ଠାନରେ ୧୪ଟି ବିଭାଗରେ ୩୧୮ଟି ପିଜି ସିଟ୍ ବୃଦ୍ଧି ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏହି ବୃଦ୍ଧି ଯୋଗୁଁ ରାଜ୍ୟରେ ମୋଟ ପିଜି ସିଟ୍ ସଂଖ୍ୟା ୬୨୦ରୁ ବୃଦ୍ଧି ପାଇ ୯୩୮ରେ ପହଂଚିଛି । ପୂର୍ବରୁ ରାଜ୍ୟସ୍ତର କଟକ ସ୍ଥିତ ଏସ୍ ?ସିବି ମେଡିକାଲ କଲେଜ ଓ ହସ୍ପିଟାଲ,ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ, ବୁର୍ଲା ସ୍ଥିତ ଲୋମସାର, ଭଲାଙ୍ଗୀର ସ୍ଥିତ ଗାମଗୋଲ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, ଚାଲେଶ୍ୱର ସ୍ଥିତ ଫକିରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଏବଂ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ସମେତ ଆଚାର୍ଯ୍ୟ ହରିହର ସ୍ମାରକୋତର କର୍କଟ ରୋଗ ଅନୁସ୍ଥାନ ଓ ଜ୍ୟୋତିଟାଲ ହସ୍



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସାପ୍ତାହିକ
ସୀତୋ ଆରମ୍ଭ
SEITHO ARAMBHA

ଶନିବାର, ୭ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨

ନବରଙ୍ଗପୁରରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ ଖାଦ୍ୟ ମହୋତ୍ସବ ପାଳିତ



ନବରଙ୍ଗପୁର, ୦୬/୧୧(ଆ.ପ୍ର): ମାଣ୍ଡିଆ ତଥା ଅନ୍ୟାନ୍ୟ ମିଲେଟ୍‌ର ଗୁରୁତ୍ୱ, ପୁଷ୍ଟିକର ଗୁଣ ଓ ଏହାର ବହୁମୁଖୀ ଉପଯୋଗିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ମିଲେଟ୍ ଚାଷର ପ୍ରସାର ଓ ଚାଷୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ଆଜି ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ ଖାଦ୍ୟ ମହୋତ୍ସବ ସ୍ଥାନୀୟ ମିଶନ ଶକ୍ତି ସଞ୍ଜିଳନୀ କକ୍ଷାଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଆୟୋଜନ ଏବଂ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍, ଶ୍ରୀ ଅନ୍ନ ଅଭିଯାନର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏଥିସହ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାତ୍ରୀ, ମାନ୍ୟବର ଝରିଗାଁ ବିଧାୟକଙ୍କ ପ୍ରତିନିଧି ଜଗବନ୍ଧୁ ବିଶୋୟୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଉପସ୍ଥଶ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଶ୍ରୀ ଅନ୍ନ ଅଭିଯାନର କର୍ମଚାରୀ ଓ ପ୍ରାୟ ୧୨୦ ଜଣ ଚାଷୀ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ୍‌ର ପୁଷ୍ଟିକର ଗୁଣ, ସ୍ୱାସ୍ଥ୍ୟ ଉପକାରିତା ଏବଂ କୃଷି କ୍ଷେତ୍ରରେ ଏହାର ଗୁରୁତ୍ୱ ସମ୍ପର୍କରେ ନିଜ ନିଜର ମତବ୍ୟକ୍ତ କରିଥିଲେ । ମିଲେଟ୍ ଚାଷର ପରିମାଣ ଓ ଉତ୍ପାଦନ ବୃଦ୍ଧି, ପାରମ୍ପରିକ ମୂଲ୍ୟବୃଦ୍ଧି, ବଜାର ସଂଯୋଗ ଓ ଉତ୍ପାଦନ ବୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଉପଚ ମାଧ୍ୟମରେ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୃଷ୍ଟି ହେବା ସହ ମିଲେଟ୍‌ର ଚାଷ ଓ ବ୍ୟବହାରକୁ ଅଧିକ ଲୋକପ୍ରିୟ କରିବା ପାଇଁ ଏକ ଉତ୍ତମ ମଂଚ ସୃଷ୍ଟି ହୋଇଥିଲା ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମହେଶ ପାତ୍ରୀ ପରିଚାଳନା କରିଥିଲେ ।

ପ୍ରକାରର ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ ବୋଲି ଏହି ପ୍ରତିଯୋଗିତା ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ଏଥିସହ ଦୈନନ୍ଦିନ ଖାଦ୍ୟ ତାଲିକାରେ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ୍‌କୁ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ମିଲେଟ୍ ଚାଷର ପ୍ରସାର ସହ ଏହାର ଉତ୍ପାଦନ, ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି, ବଜାର ସଂଯୋଗ ଓ ଉତ୍ପାଦନ ବୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଉପଚ ମାଧ୍ୟମରେ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୃଷ୍ଟି ହେବା ସହ ମିଲେଟ୍‌ର ଚାଷ ଓ ବ୍ୟବହାରକୁ ଅଧିକ ଲୋକପ୍ରିୟ କରିବା ପାଇଁ ଏକ ଉତ୍ତମ ମଂଚ ସୃଷ୍ଟି ହୋଇଥିଲା ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମହେଶ ପାତ୍ରୀ ପରିଚାଳନା କରିଥିଲେ ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ



ପାରଳାଖେମୁଣ୍ଡି, ୦୬/୧୧ (ଆ.ପ୍ର) : ଗଜପତି ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୨୬ ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ବିପ୍ରେଣ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଉଚ୍ଚାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଗଜପତି ପ୍ରହରୀଜ ସହାୟ ମାନା, ମୁଖ୍ୟ ଜନ୍ତ୍ରୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାତ୍ରୀ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ. ଗିରିଧାରୀ, ବୁହୁସ୍ପତି ସାଂସଦଙ୍କ ପ୍ରତିନିଧି ରାମ ପ୍ରସାଦ, ଗୋଷ୍ଠୀପତି କୁଲ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି.ବିଶୋୟର କୁମାର ଓ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ବାସ ପ୍ରମୁଖ ମଂଚାସୀନ ଥିଲେ । ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ନିଜ ବକ୍ତବ୍ୟରେ କହିଥିଲେ ଛାତ୍ରଛାତ୍ରୀଙ୍କୁ ଉଦ୍ଦିଷ୍ଟତରେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ପିଲାମାନଙ୍କ ମଧ୍ୟରେ କୁଳ୍ପାୟିତ ପ୍ରତିଭା ଓ ଦକ୍ଷତାର ବିକାଶ ପାଇଁ ଏକ ଉତ୍ତମ ମଂଚ ବୋଲି ସେ ମତବ୍ୟକ୍ତ କରିଥିଲେ । କୌଣସି ସଙ୍କୋଚ କିମ୍ବା ଭୟ ନକରି ଆତ୍ମବିଶ୍ୱାସର ସହ ପ୍ରତିଯୋଗିତାରେ ଭାଗନେବା ଆଗକୁ ବଢ଼ିବାକୁ ସେ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ । ଚଳିତ ବର୍ଷ ଜିଲ୍ଲାର ସାତଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଏହି ମହୋତ୍ସବରେ ଯୋଗଦେଇଥିଲେ । ଏଥିରେ ଚର୍ଚ୍ଚା, ପ୍ରବନ୍ଧ, କୁଇଜ, ସୃଜନାତ୍ମକ ଲେଖନୀ, ଚିତ୍ରାଙ୍କନ, ସଙ୍ଗୀତ ଓ ସାଂସ୍କୃତିକ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀମାନେ ଉଚ୍ଚାଙ୍ଗର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଅମୂଲ୍ୟ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ ।

ସପ୍ତମ ଦିନରେ ଉଦ୍ଧାର କାର୍ଯ୍ୟ ମିଳିଲାନି ୬ ନିଖୋଜଙ୍କ ସନ୍ଧାନ
ଗିଡ଼ିପା ବାଲିର ଜୀବିତଙ୍କୁ କୀଲାପାଙ୍ଗରୁ ଜି.ଉଦୟଗିରି ସ୍ଥାନାନ୍ତର



ଜି.ଉଦୟଗିରି, ୦୬/୧୧ (ଆ.ପ୍ର) : ଉତ୍ତମାଳ ଓ ଗାଖାମ ଜିଲ୍ଲା ସୀମାନ୍ତ ବାଉବାଲି ପଂଚାୟତ ଅନ୍ତର୍ଗତ ଗଂଚ ଜଙ୍ଗଲ ପାହାଡ଼ ପର୍ବତ ଘେରା ଗିଡ଼ିପା ବାଲି ଗ୍ରାମର ଭୂସ୍ଖଳନ ଘଟଣା ଘଟିବାର ଆଜିକୁ ୧୦ ଦିନ ବିତିଯାଇଥିବା ବେଳେ ୮ ଦିନରେ ପଉଁଚିଛି ଉଦ୍ଧାର କାର୍ଯ୍ୟ । ତଥାପି ଏଯାଏଁ ନିଖୋଜ ଥିବା ୬ ଜଣଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ । ଶୁକ୍ରବାର ଦିନଟମାମ ଜୋରଦାର ଉଦ୍ଧାର ଅଭିଯାନ ଶେଷ ସୂଚା କୌଣସି ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାରେ ଉଦ୍ଧାର କାରୀ ଦଳକୁ ସଫଳତା ମିଳିପାରିନାହିଁ । କେବଳ କିଛି ପୋଷାକ ଓ ଲୁଗାପଟା ମିଳିଥିବା ସୂଚନା ମିଳିଛି । ଗତକାଲି ମଧ୍ୟ ୧୫୦ରୁ ଉର୍ଦ୍ଧ୍ୱ ଅଗ୍ନିଶମ ବାହିନୀ, ଓଡ୍ରାଫ, ଏସଓଜି ଯବାନଙ୍କ ସହ ସ୍ଥାନୀୟ ଲୋକ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ମାଟି ଓ ପଥର ହଟାଇବା ସହ ନିଖୋଜଙ୍କୁ ଖୋଜିବା ଅଭିଯାନ ଚଳାଇଥିଲେ । ଦୀର୍ଘ ସମୟ ଧରି ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ଆଶାନୁରୂପ ସଫଳତା ମିଳିନଥିଲା । ଭୂସ୍ଖଳନ ସ୍ଥାନରେ ଥିବା ଘର ଉପରେ ୨୫ ଫୁଟରୁ ଉର୍ଦ୍ଧ୍ୱ ମାଟି ଓ ବିରାଟ କାୟ ପଥର ପଡ଼ିଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ମାଟି ତଳେ ପୋତି ହୋଇ ରହିଥିବା ଘର ଗୁଡ଼ିକର ସ୍ଥିତି ଜାଣିବା ସହ ପଥର ଓ ମାଟି ହଟାଇବାକୁ ଉଦ୍ଧାରକାରୀ ଦଳକୁ ବହୁ ସମୟ ଲାଗୁଛି । ଏହି କାରଣରୁ ଅଞ୍ଚଳଟିରେ ଭାରି ଯନ୍ତ୍ରପାତି ଆଣିବାରେ ମଧ୍ୟ ବାଧା ସୃଷ୍ଟି ହେଉଛି । ଉଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ୬ ଜଣ ନିଖୋଜ ରହିବା ଘଟଣା ସମସ୍ତଙ୍କ ମନରେ ଗଭୀର ଚିନ୍ତା ସୃଷ୍ଟି କରିଛି । ନିଖୋଜ ପରିବାରର ସମ୍ପର୍କୀୟ ମାନେ ନିଜ ଲୋକଙ୍କ ଖବର ପାଇବା ଆଶାରେ ଅପେକ୍ଷା କରି ରହିଛନ୍ତି । ସେପଟେ ଉଦ୍ଧାର କାର୍ଯ୍ୟକୁ ନେଇ ଆଜି ଏକ ପ୍ରଶ୍ନ ଉଠିଛି । ଏହି ଅଭିଯାନ ଆଉ କେତେ ଦିନ ଧରି ଚାଲିବ ଏବଂ ଅବଶିଷ୍ଟ ୬ ଜଣ ନିଖୋଜଙ୍କୁ ଥିବା ଘର ଉପରେ ୨୫ ଫୁଟରୁ ଉର୍ଦ୍ଧ୍ୱ ମାଟି ଓ ବିରାଟ କାୟ ପଥର ପଡ଼ିଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ମାଟି ତଳେ ପୋତି ହୋଇ ରହିଥିବା ଘର ଗୁଡ଼ିକର ସ୍ଥିତି ଜାଣିବା ସହ ପଥର ଓ ମାଟି ହଟାଇବାକୁ ଉଦ୍ଧାରକାରୀ ଦଳକୁ ବହୁ ସମୟ ଲାଗୁଛି । ଏହି କାରଣରୁ ଅଞ୍ଚଳଟିରେ ଭାରି ଯନ୍ତ୍ରପାତି ଆଣିବାରେ ମଧ୍ୟ ବାଧା ସୃଷ୍ଟି ହେଉଛି । ଏଯାଏଁ ନିଖୋଜ ଥିବା ୬ ଜଣଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ । ଶୁକ୍ରବାର ଦିନଟମାମ ଜୋରଦାର ଉଦ୍ଧାର ଅଭିଯାନ ଶେଷ ସୂଚା କୌଣସି ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାରେ ଉଦ୍ଧାର କାରୀ ଦଳକୁ ସଫଳତା ମିଳିପାରିନାହିଁ । କେବଳ କିଛି ପୋଷାକ ଓ ଲୁଗାପଟା ମିଳିଥିବା ସୂଚନା ମିଳିଛି । ଗତକାଲି ମଧ୍ୟ ୧୫୦ରୁ ଉର୍ଦ୍ଧ୍ୱ ଅଗ୍ନିଶମ ବାହିନୀ, ଓଡ୍ରାଫ, ଏସଓଜି ଯବାନଙ୍କ ସହ ସ୍ଥାନୀୟ ଲୋକ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ମାଟି ଓ ପଥର ହଟାଇବା ସହ ନିଖୋଜଙ୍କୁ ଖୋଜିବା ଅଭିଯାନ ଚଳାଇଥିଲେ । ଦୀର୍ଘ ସମୟ ଧରି ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ଆଶାନୁରୂପ ସଫଳତା ମିଳିନଥିଲା । ଭୂସ୍ଖଳନ ସ୍ଥାନରେ ଥିବା ଘର ଉପରେ ୨୫ ଫୁଟରୁ ଉର୍ଦ୍ଧ୍ୱ



ଆରମ୍ଭ
SEITHO ARAMBHA



ଶନିବାର, ୭ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା - ୩

ସଂଖ୍ୟା: ଆଡମିନ୍-୧୧୦୧୧(୧୩)/୨/୨୦୨୪-ଇ-ଅଫିସ୍
ଭାରତ ସରକାର
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ
କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ (ଔଷଧ ବିଭାଗ)
"ଟଂଟଂଟଂଟଂଟଂ"

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଡେପୁଟେସନ ଦ୍ୱାରା ନିମ୍ନରେ ଉଲ୍ଲେଖିତ ପଦବୀ ପୂରଣ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରୁଛି (ସ୍ୱଳ୍ପକାଳୀନ ବୃତ୍ତିନାମା ସହିତ) । କ୍ୟାଡର କର୍ତ୍ତୃପକ୍ଷ / ବିଭାଗର ମୁଖ୍ୟମାନଙ୍କୁ ଅନୁରୋଧ କରାଯାଇଛି ଯେ ଯେଉଁ ଯୋଗ୍ୟ ଏବଂ ଇচ্ছୁକ ପ୍ରାର୍ଥୀମାନଙ୍କର ସେବା ଡେପୁଟେସନ (ସ୍ୱଳ୍ପକାଳୀନ ବୃତ୍ତିନାମା ସହିତ) ଆଧାରରେ ଉକ୍ତ ପଦବୀରେ ନିଯୁକ୍ତି ପାଇଁ ଅନୁମୋଦିତ ସେମାନଙ୍କର ଆବେଦନଗୁଡ଼ିକୁ ଏମ୍ପ୍ଲୟମେଣ୍ଟ ନ୍ୟୁଜରେ ଏହି ବିଜ୍ଞାପନ ପ୍ରକାଶନ ତାରିଖରୁ ୪୫ ଦିନ ମଧ୍ୟରେ ଉପ ନିର୍ଦ୍ଦେଶକ (ପ୍ରଶାସନ), କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ମୁଖ୍ୟାଳୟ, FDA ଭବନ, କୋଟଲା ରୋଡ୍, ନୂଆଦିଲ୍ଲୀ-୧୧୦୦୦୨ ରେ ପହଞ୍ଚିବା ପାଇଁ ପଠାନ୍ତୁ ।

୨. ଅଧିକ ବିବରଣୀ ପାଇଁ ଦୟାକରି ମନ୍ତ୍ରଣାଳୟର ୱେବସାଇଟ୍ https://mohfw.gov.in କିମ୍ବା CDSCO ୱେବସାଇଟ୍ https://cdsco.gov.in ପରିଦର୍ଶନ କରନ୍ତୁ ।

କ୍ର.ସଂ.	ପଦବୀର ନାମ	ସପ୍ତମ CPC ଅନୁଯାୟୀ ତରମାର ନାମ	ପଦବୀ ସଂଖ୍ୟା	ପଦବୀ ପୂରଣ ହୋଇଥିବା କାର୍ଯ୍ୟାଳୟ ସଂସ୍ଥା
୧.	ଅତିରିକ୍ତ ଔଷଧ ନିୟନ୍ତ୍ରକ (୧)	ସପ୍ତମ CPC ର ତରମା ସ୍ତର ୧୩ A (୧୩୩୧୧୦୦-୨୧୬୨୦୦ ଟଙ୍କା)	୧ (ଏକ)	କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ
୨.	ଯୁଗ୍ମ ଔଷଧ ନିୟନ୍ତ୍ରକ (୧)	ସପ୍ତମ CPC ର ତରମା ସ୍ତର ୧୩ (୧୨୩୧୦୦-୨୧୫୯୦୦ ଟଙ୍କା)	୪ (ଚାରି)	-ଜରୁରୀ-
୩.	ଉପ ଔଷଧ ନିୟନ୍ତ୍ରକ (୧)	ସପ୍ତମ CPC ର ତରମା ସ୍ତର ୧୨ (୭୮୮୦୦-୨୦୯୨୦୦ ଟଙ୍କା)	୯ (ନଅ)	-ଜରୁରୀ-

ଉପନିର୍ଦ୍ଦେଶକ, ପ୍ରଶାସନ (ଔଷଧ)
C.D.S.C.O (ମୁଖ୍ୟାଳୟ), ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ସ୍ୱାସ୍ଥ୍ୟ
cbc 17194/11/0026/2627 **ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ନୂଆଦିଲ୍ଲୀ - ୧୧**

ବିଦ୍ୟାଳୟ ମୁଖ୍ୟଫାଟକରେ ତାଲା ଧାରଣାରେ ବସିଲେ ଅଭିଭାବକ



ନାଳଗିରି, ୦୬/୧୧ (ଆ.ପ୍ର) : ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନବିଭାଗ ଦ୍ୱାରା ଭାଲେଶ୍ୱର ଜିଲ୍ଲା ନାଳଗିରି ବ୍ଲକ୍ ଚେଣ୍ଡା ଠାରେ ଏକ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ତେବେ ଉକ୍ତ ବିଦ୍ୟାଳୟର ଶିକ୍ଷାନ ଶିକ୍ଷକ ଦେଖୁଥର ମହାଉଣାଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ଏହାକୁ ବିରୋଧକରି ବିଦ୍ୟାଳୟର ମୁଖ୍ୟଫାଟକରେ ତାଲାପକାଇ ଅଜି ଧାରଣା ରେ ବସିଥିବେ ଅଭିଭାବକ । ସୂଚନାଯୋଗ୍ୟ ଜଣା ଯାଇଛି, ନାଳଗିରି ବ୍ଲକ୍ ସଜନାଗଡ଼ ପଂଚାୟତ ଚେଣ୍ଡା ଗ୍ରାମସ୍ଥ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରୁଥିବା ଗଣିତ ଏବଂ ବିଜ୍ଞାନଶିକ୍ଷକ ଦେଖୁଥର ମହାଉଣା ଦୀର୍ଘଦିନ ହେବ ଶିକ୍ଷକତା କରି ଆସୁଥିଲେ ।ହେଲେ ତାଙ୍କର ଏବେ ଅନ୍ୟତ୍ର ବଦଳିହେବା ଖବର ପାଇବାପରେ ଅଞ୍ଚଳାଦର ଓ ଗ୍ରାମବାସୀ ଏକତ୍ରିତହୋଇ ବିଦ୍ୟାଳୟର ମୁଖ୍ୟଫାଟକରେ ତାଲା ପକାଇ ଧାରଣା ବସିଥିଲେ । ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ତାନେଓାଙ୍କ ପ୍ରତିକ୍ରିୟା ଅନୁଯାୟୀ ସେ ଶିକ୍ଷକଙ୍କ ବଦଳି କଥା ଜାଣିଛନ୍ତି ଏବଂ ଗେଟ୍ ତାଲା ପକାଇବା କଥା ଉପରିସ୍ତ ବିଦ୍ୟାଗୀୟ ଅଧିକାରୀଙ୍କୁ ଜଣାଇଥିବା କହିଥିଲେ ।ତେବେ ଧାରଣାସ୍ଥଳରେ ନାଳଗିରି ବ୍ଲକ୍ ଜନ ମଙ୍ଗଳ ଅଧିକାରୀ ଶ୍ରୀଜେତ୍ର ଶତପଥୀ ପହଂଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିବାସହିତ ଉକ୍ତ ଆଶ୍ରମ ସ୍କୁଲର ଶିକ୍ଷକ ଦେଖୁଥର ମହାଉଣାଙ୍କ ବଦଳି ବାତିଲ କରାଯିବ କହିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ବାଲେଶ୍ୱର ସଦରର ୬୩୦ ବିଦ୍ୟାଳୟ ମଧ୍ୟରୁ ଅନ୍ୟତମ, ଭିତିଭୂମିର ହେବ ଉନ୍ନତିକରଣ



ଭାଲେଶ୍ୱର, ୦୬/୧୧ (ଆ.ପ୍ର) : ରାଜ୍ୟରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଶିକ୍ଷା ଭିତିଭୂମିର ସୁଦୃଢ଼ୀକରଣ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ଗୋପାବନ୍ଧୁ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର ତୃତୀୟ ପର୍ଯ୍ୟାୟରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଓଲନ୍ଦା ସାରଗାଁ ଗ୍ରାମ ପଂଚାୟତସ୍ଥିତ ରାଧାମୋହନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମିଲ ହୋଇଛି । ଏହି ପର୍ଯ୍ୟାୟରେ ରାଜ୍ୟର ୬୩୦ଟି ବିଦ୍ୟାଳୟର ଭିତିଭୂମିର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଉପଲକ୍ଷେ ରାଧାମୋହନ ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ତାନୀୟ କାର୍ଯ୍ୟକ୍ରମରେ ଭାଲେଶ୍ୱର ସଦର ବିଧାୟକ ମାନସ କୁମାର ବତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଯୋଜନା ଅଧୀନରେ ବିଦ୍ୟାଳୟର ଶୈକ୍ଷିକ ଭିତିଭୂମିର ଉନ୍ନତିକରଣ ସହ ଆଧୁନିକ ଶିକ୍ଷା ଉପଯୋଗୀ ପରିବେଶ, ଉନ୍ନତ ସୁବିଧାସୁଯୋଗ ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନୂତନ ଅବସର ସୃଷ୍ଟି ହେବ । ଏହାଦ୍ୱାରା ଗ୍ରାମାଂଚଳର ଛାତ୍ରଛାତ୍ରୀମାନେ ନିଜ ଅଂଚଳରେ ଉନ୍ନତ ଓ ଗୁଣାତ୍ମକ ଶିକ୍ଷା ପାଇବାର ସୁଯୋଗ ଲାଭ କରିବେ । ଏହି ଅବସରରେ ବିଧାୟକ ଶ୍ରୀ ବତ କହିଥିଲେ ଯେ, ଶିକ୍ଷା ହେଉଛି ଏକ ସମୃଦ୍ଧ ସମାଜ ଓ ବିକଶିତ ରାଜ୍ୟ ଗଠନର ମୂଳଦୁଆ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି ଏବଂ ଗ୍ରାମାଂଚଳର ଶିକ୍ଷା ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ନିରନ୍ତର ପ୍ରୟାସ କରୁଛନ୍ତି । ରାଧାମୋହନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହେବା ଭାଲେଶ୍ୱର ସଦର ଅଂଚଳର ଶିକ୍ଷା ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ଏହା ଆଗାମୀ ପିଢ଼ିର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ। ବିଧାୟକ ଏହି ଜନହିତକର ଯୋଜନା ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଭାଲେଶ୍ୱର ସଦର ଅଂଚଳରେ ଶିକ୍ଷାର ବିକାଶ ଓ ଉନ୍ନତ ଶୈକ୍ଷିକ ପରିବେଶ ସୃଷ୍ଟି ଦିଗରେ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସରପଂଚ ଆରତୀ ଦାସ, ଜରିବଗାୟତ ପ୍ରଧାନ, ବୃଦାବତୀ ପ୍ରଧାନ, ଜିତେନ ଜେନା, ସମିତିସଭ୍ୟା ଉଷ୍ଣିତା ନାୟକ, ଶିକ୍ଷା ବିଭାଗର ଅଧିକାରୀ ଏବଂ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

ନିର୍ମାଣ ବଦଳରେ ରାସ୍ତା ମରାମତି
ଦଳୀୟ ସଭାପତିଙ୍କ କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ?

ଇଟାଜେଶ୍ୱର, ୦୬/୧୧ (ଆ.ପ୍ର) : ଗ୍ରାମାଂଚଳର ବିକାଶ ପାଇଁ ସରକାରଙ୍କ "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନାରେ ବାଲିପାଟଣା ବ୍ଲକ୍‌ର ବାଲିଜୁଟି ପଂଚାୟତରେ ଅନିୟମିତତା ଅଭିଯୋଗ ଆସିଛି । ଦକ୍ଷିଣ ମଜାକଦା ଗ୍ରାମରେ ଶ୍ରୀଜାନ ସାହୁଙ୍କ ଘରଠାରୁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ନିର୍ଦ୍ଧାରିତ ସ୍ଥାନରେ ରାସ୍ତା ନିର୍ମାଣ ନ କରି ପୁରୁଣା ରାସ୍ତା ମରାମତି କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଅଇମାଡିହଠାରୁ ମାଝାଡା ଜଗନ୍ନାଥ



ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ପୂର୍ବରୁ ଥିବା ଢଳାଇ ରାସ୍ତା ଉପରେ ମରାମତି କାମ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତାର ଢଳାଇ ମୋଟେଇ ହେବେହେ ସ୍ଥାନରେ ୨ରୁ ୪ ଇଂଚ ଉଚ୍ଚ ଥିବା ଏବଂ ନିମ୍ନମାନର କାମ ହୋଇଥିବା ନେଇ ପ୍ରଶ୍ନ ଉଠିଛି । ଏ ବାବଦ ମେସର ବୁଦ୍ଧଦେବ ପ୍ରଧାନଙ୍କ ସମେତ ଅଜୁନ ହାଁସିଦା, ସୁକୁଲ ସୋରେନ, ଶାନ୍ତି ସ୍ୟେମ୍ଭ ଓ ଖେଲା ହାଁସଦା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ପ୍ରକଳ୍ପ ସମ୍ପର୍କରେ ଗ୍ରାମବାସୀଙ୍କୁ ସଠିକ ସୂଚନା ଦିଆଯାଇନାହିଁ । ଏଥିରେ ପଂଚାୟତ ସରପାଚି ରାମକୃଷ୍ଣ ପ୍ରଧାନଙ୍କ କାର୍ଯ୍ୟଧାରାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି । କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ନନ୍ଦୀ କାମ ହୋଇଥିବା ଦିନ ସେ ଅନୁପସ୍ଥିତ ଥିବା କହିଥିବା ବେଳେ, ଉଭୟ ପ୍ରକଳ୍ପର ଉଚ୍ଚସ୍ତରୀୟ ତଦନ୍ତ କରି ନିର୍ମାଣର ମାପ, ଗୁଣବତ୍ତା ଓ ଖର୍ଚ୍ଚର ଯାଂଚ କରିବାକୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

ଉନ୍ମୋଚିତ ହେଲା 'ଶ୍ରୀପ୍ରଦୀପଙ୍କ ନିର୍ବାଚିତ ଗଳ୍ প'



ବାଲେଶ୍ୱର, ୦୬/୧୧ (ଆ.ପ୍ର) : ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପଥରୁ ବରିଷ୍ଠ କଥାକାର ପ୍ରଦୀପ ଚାଟାର୍ଜୀ (ଶ୍ରୀପ୍ରଦୀପ)ଙ୍କ ଗଳ୍ପ ସଂଚୟନ 'ଶ୍ରୀପ୍ରଦୀପଙ୍କ ନିର୍ବାଚିତ ଗଳ୍ପ' ପୁସ୍ତକାକାର ସଜ୍ଜୟନ୍ତିତ ହୋଇଯାଇଛି । ଅନୁଷ୍ଠାନର ଉପସଭାପତି ତଥା ଗାଳିକ ନିବାରଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଅନୁଷ୍ଠାନର ଅନ୍ୟତମ ଉପସଭାପତି ତଥା ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ରାଉତ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ପୁସ୍ତକଟିକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ । ଅତିଥି ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାରସ୍ୱତ ସାଧକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବି ଦୀପକ ଘୋଷ ଏବଂ ପକ୍ଷୀତତ୍ତ୍ୱବିତ୍ ମୋହନ ମହାପାତ୍ର ଶ୍ରୀପ୍ରଦୀପଙ୍କ ସାହିତ୍ୟ ସାଧନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ ଯେ, ଶ୍ରୀ ଚାଟାର୍ଜୀଙ୍କ ଗଳ୍ପଗୁଡ଼ିକ ସାମାଜବାଦୀ ଚେତନା ଓ ସାମାଜିକ ବାସ୍ତବତାର ପୃଷ୍ଠଭୂମିରେ ପ୍ରତିଷ୍ଠିତ । ଅଂଚାଳର ଅବହେଳିତ, ନିଷ୍ପେଷିତ ଓ ନିର୍ଯାତିତ ମଣିଷଙ୍କ ଜୀବନ ଓ ଜୀବନସଂଘର୍ଷକୁ ଗଳ୍ପରେ ରୂପାୟିତ କରିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଲେଖକଙ୍କର ପ୍ରୟାସ ଉଦ୍ଦେଶ୍ୟ । ଏହି ଅବସରରେ ଗାଳିକ ପ୍ରଦୀପ ଚାଟାର୍ଜୀ ନିଜର ଲେଖକୀୟ ଅଭିବ୍ୟକ୍ତି ରଖିବା ସହ ଗଳ୍ପ ଚତନାର ଅନୁଭୂତି ଓ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଅନୁଷ୍ଠାନର ସଂଗଠନ ସମ୍ପାଦକ ତପନ ରାୟ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବାବେଳେ ଯୁଗ୍ମ ସମ୍ପାଦିକା ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ । ସୁରୁତା ମାଝିଙ୍କ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲେଶ୍ୱରକୁ ଗୌରବ ଆଣିଲେ କବୟିତ୍ରୀ ସୁଭାଷିନୀ ଜୀ



ନାଳଗିରି, ୦୬/୧୧ (ଆ.ପ୍ର) : ଭାଲେଶ୍ୱରରୁ ପ୍ରକାଶିତ ଏକ ଶିଶୁର ସମ୍ପାଦିକା ସୁଭାଷିନୀ ଜୀଙ୍କୁ ପ୍ରଗତି ଯୁଥ୍ ଡେଭେଲପର୍ସ ସଂଗଠନ ଭୁବନେଶ୍ୱର ଓଡ଼ିଶାକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଭାଲେଶ୍ୱର ଜିଲ୍ଲା ଶିଶୁ ସାହିତ୍ୟ କ୍ଷେତ୍ରରେ ଶ୍ରୀମତୀ ଜୀ ଉତ୍କୃଷ୍ଟନୀୟ କାର୍ଯ୍ୟ ପାଇଁ ଜିଲ୍ଲାର ସଂଯୋଜିକା ଦାୟିତ୍ୱ ସହିତ ସଙ୍ଗଠନ ତରଫରୁ ମାନପତ୍ର, ଉପଢ଼ୌକନ ଓ ସୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏଥି ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ଜାତୀୟ ବାଳ ପୁରସ୍କାର ବିଜେତା ଡ. ଭାଲକିଶୋର ପାଢ଼ୀ ସଭାପତିତ୍ୱ କରିଥିଲାବେଳେ ନେସନାଲ ବୁକ୍ ଟ୍ରଷ୍ଟର ପ୍ରାକ୍ତନ ପୂର୍ଣ୍ଣକଳ ମୁଖ୍ୟ ଡଃ। ସ୍ୱାଗତ ଭାଷଣ ଦେଇଥିବା ତେବେ ଜମେଶ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ପରେ ରାଜ୍ୟସ୍ତରୀୟ ଏହି ନିଶ୍ଚୁନ ଓଡ଼ିଶା ଶିଶୁ ସାହିତ୍ୟ ସମ୍ପାଦକ ସଂଗଠନ ପୁରୀ ପାଠକ ମଂଚର ସମ୍ପାଦକ ଡ.ମାନସ କୁମାର ମହାପାତ୍ର ମୁଖ୍ୟ ଅତିଥି, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ସୋଦିନ ଚନ୍ଦ୍ର ଗାନ, ଡ.ପ୍ରିୟଙ୍କା ମହାନ୍ତି ସମ୍ମାନୀତ ଅତିଥି ଏବଂ ଡ. ଶ୍ରୀକାନ୍ତ ଚରଣ ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିଶୁ ସାହିତ୍ୟ ରେ ସମ୍ମାନିତ ମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ । ସଙ୍ଗଠନର ସଭାପତି ଡ. ରାମଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପୁଷ୍ପ ପୋଷକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୁଶାନ୍ତ କୁମାର ସେନାପତି ସଂଗୀତ ପରିବେଷଣ କରିଥିବା ଜଣାଯାଇଥିଲା । ଡ.ରାମ ଚନ୍ଦ୍ର ଦେଓ ପୂର୍ବ ପରି ସଭାପତି ଥିବା ବେଳେ ଭାଲେଶ୍ୱର ଜିଲ୍ଲାର ସଂଯୋଜିକା ଭାବେ ସୁଭାଷିନୀ ଜୀ ମନୋନୀତ ହୋଇଥିଲେ । ଶ୍ରୀମତୀ ଜୀ ଜିଲ୍ଲାର ଜଣେ ଦକ୍ଷ ଶିଶୁ ସାହିତ୍ୟିକ ଓ ଦକ୍ଷ ସଂଗଠକ ଅଟନ୍ତି । ଏହି ସମ୍ମାନ ଓ ପଦ ଭାଲେଶ୍ୱର ଜିଲ୍ଲାର ଗର୍ବ ଓ ଗୌରବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ନଭେମ୍ବର ୨୬ ଆନ୍ଦୋଳନକୁ ବ୍ୟାପକ କରିବାକୁ କୃଷକ ସଭାର ନିଷ୍ପତ୍ତି



ଇଟେଶ୍ୱର, ୦୬/୧୧ (ଆ.ପ୍ର) : ସଂଯୁକ୍ତ କିଷାନ ମୋର୍ଚ୍ଚାର ଡାକରାରେ ଶ୍ରମିକ, କୃଷକ ଓ କୃଷି ଶ୍ରମିକଙ୍କର ଦିଲ୍ଲିକୁ ଚାଲି ଯାଇଥିବା ଆକାଶ ଛୁଆଁ ଦର ବୃଦ୍ଧି ବିରୋଧରେ ନଭେମ୍ବର ୨୬ ଦିନ ସମସ୍ତ ଗାଳରେ ଯେଉଁ ଆନ୍ଦୋଳନ ହେଉଛୁ ଯାଇଛି ସେହି ଆନ୍ଦୋଳନକୁ ଭାଲେଶ୍ୱର ଜିଲ୍ଲାରେ ବ୍ୟାପକ କରିବାକୁ ଓଡ଼ିଶା କୃଷକ ସଭାର ଜିଲ୍ଲା କମିଟିରେ ନିଷ୍ପତ୍ତି ନିଆଯାଇଛି । କୃଷକ ସଭାର ଜିଲ୍ଲା ସଭାପତି ସାଙ୍ଗଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା କମିଟି ବୈଠକରେ ଜିଲ୍ଲା ସମ୍ପାଦକ ଜିଲ୍ଲାପ କୁମାର ଗିରି ନଭେମ୍ବର ୨୬ ଦିନ ହେଉଥିବା ଧ୍ରୁବ ଆନ୍ଦୋଳନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ତତ୍ସ ଉଦ୍ଭିଜ ସଚକାର ପ୍ରସଙ୍ଗ କରି ଚାଲିଥିବା ମତି ଯାଥୁଁ ଶ୍ରମିକ, କୃଷକ ଓ କୃଷି ଶ୍ରମିକ କେମିତି ସର୍ବାଧିକ ଛତିଗ୍ରସ୍ତ ହେ ସମ୍ପର୍କରେ ଆଲୋଚିତ କରିଥିଲେ । ଏଥି ସହିତ ଶ୍ରମ କୋର୍ଡର ପ୍ରତ୍ୟାହାର, ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ସରକାରୀ ଗାଣ୍ଟେଣ୍ଟି ପ୍ରଦାନ, ଅକ୍ଷମ ଗଛପତି ପାଣ୍ଡୁ ଆରମ୍ଭ କରି ବିଜୁନ୍ ଅଂଚଳରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଯୋଇଥିବା ଫସଲର ଶରିର ଉରଣା ପାଇଁ ସରକାରୀ ସହାୟତା ପ୍ରଦାନ, କୃଷକଙ୍କ ଆତ୍ମହତ୍ୟା ରୋକିବାକୁ କୃଷି ଉଣ ଛାଡ଼ ତଥା ସାମଗ୍ର ଅତ୍ୟାବଶ୍ୟକ ସାମଗ୍ରୀର ବଢ଼ତାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନ କ୍ରମେ ଜିଲ୍ଲାର ବିଭିନ୍ନ ଅଂଚଳରେ ଆନ୍ଦୋଳନ ଜାରି ରଖିବାକୁ ଜିଲ୍ଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲା ସମ୍ପାଦିକା ଶ୍ରୀମତୀ ଜୟଶ୍ରୀ ପଣ୍ଡା ସ୍ୱାଗତ ସଂଗୀତ ଗାନ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିବାବେଳେ କୁମାରୀ ମାମାଲି ସାହୁ କୃତଜ୍ଞତା ପ୍ରଦାନ କରିଥିଲେ । ଶେଷରେ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ ।

ଜଲେଶ୍ୱର ନାବାଳିକା ହତ୍ୟା ଘଟଣା: ତଦନ୍ତରେ ଶିଥିଳତା ନେଇ ସିପିଆଇଏମ୍‌ର ଅସନ୍ତୋଷ, ୭ ଦିନର ମହଲତ



ବାଲେଶ୍ୱର, ୦୬/୧୧ (ଆ.ପ୍ର) : ଜଲେଶ୍ୱରରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାର ତଦନ୍ତରେ ଶିଥିଳତା ଏବଂ ନିରପେକ୍ଷତାର ଅଭାବ ଅଭିଯୋଗ କରି ସିପିଆଇ(ଏମ୍), ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ପୋଲିସ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି । ଆସନ୍ତା ସାତ ଦିନ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନିଆ ନଗଲେ ଦଳ ପକ୍ଷରୁ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...
ସଂଘର୍ଷ

ଜୀବଜଗତଠାରୁ ପରିବେଶ ପର୍ଯ୍ୟନ୍ତ ସମସ୍ତେ ଜିନ୍ ଜିନ୍ ସଂଘର୍ଷରେ ପେଷି ହେଉଛନ୍ତି । ଯାହା ଜଣାଯାଏ ମନୁଷ୍ୟ ଦିନ। ପୁଅଠାରେ ଜୀବଜଗତକୁ ସଂଘର୍ଷ କରିବାକୁ ହେଉଛୁ ପଡିବ ନାହିଁ କିମ୍ବ ଜୀବଜଗତ ବିନା ମନୁଷ୍ୟ ତିନେ ମାତ୍ର ତିଷ୍ଠି ରହି ନ ପାରେ । ମନୁଷ୍ୟ ଆଜି ନିଜେ ନିଜ ସହିତ ସଂଘର୍ଷ କରୁଛି । ଏଥିରେ କିଏ ଜିତୁଛି କିଏ ହାରୁଛି ଜାଣିବା ଜଷ୍ଟକରା ସଂଘର୍ଷର ଅର୍ଥ କଣ କେବଳ କଠୋର ପରିଶ୍ରମ ? ବିପରୀତ ପରିସ୍ଥିତିରେ ଅଗାକୁ ବଢିବାର ପ୍ରୟାସ କରିବା ହେଉଛି ସଂଘର୍ଷ । ଅର୍ଥାତ ଆପଣାଙ୍କ ପାଖରେ ଆବଶ୍ୟକ ସାଧନ ନଥାଇ ସାଧନା ବଳରେ ସଫଳତାର ନଜାଣୁଆକୁ ଝାଙ୍କି କରିବା ସଂଘର୍ଷ । ତେଣୁ ସଂଘର୍ଷ ଥାଏ ମାନସିକତାରେ । ଜୟଲାଭ କେବଳ ସେହିମାନଙ୍କର ହୁଏ ଯିଏ ଅଭାବ ଓ ଅସୁବିଧାରେ ବି ଲକ୍ଷ୍ୟପଥରୁ ବିଚ୍ୟୁତ ନ ହୋଇଛନ୍ତି । ଲୁହ ଆଖିରୁ ଝରିଲେ ଦୁଃଖ ପ୍ରକଟ ହୋଇଥାଏ । ସମୟ ସମୟରେ ଖୁସିରେ ବି ଝରେ ଲୁହ । କିନ୍ତୁ ଲୁହକୁ ଚାପି ରଖି ଦୁଃଖକୁ ସାମ୍ନା କରିବା ହେଉଛି ସଂଘର୍ଷ । ସଂଘର୍ଷ ଜାଣୁ ପରାଜିତ କରି ଆଗକୁ ବଢିଯିବା ନୁହେଁ । ନିଜକୁ ଚିହ୍ନିବା ଓ ବଞ୍ଚିବାର ସଠିକ ଉପଯୋଗ କରିବାରେ ମନୋନିବେଶ କରିବା ନା ଆଉ ଜାଣିକୁ ଅନୁଧ୍ୟାନ କରି ବୁଝନା କରିବା । ନିଜେ ନିଜର ପ୍ରତିଯୋଗୀ ବିଚାରି ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବା ଆଜିର ମୁଖ୍ୟ ସଂଘର୍ଷ । ସଂଘର୍ଷକୁ ଉପଭୋଗ କରେ ଲକ୍ଷ୍ୟପ୍ରତ୍ୟର ଦୃଢ଼ତା କମି କମି ଆସେ । ତେଣୁ ସଂଘର୍ଷ ଏକ ଆହ୍ୱାନ, ତାକୁ ସ୍ୱୀକାର କରିବା ସାମ୍ନା ଭଲି । ନା କି ପଛମୁଖା ହେଇ ଭାଗିବାକୁ ଦୋଷ ଦେବା । ପିଲାଦିନେ ପ୍ରଥମେ ପାହରେ ଚାଲିବାକୁ ସଂଘର୍ଷ କହିଲେ ଜୀବନରେ ଚଲାପଥରେ ଚାଲିବାକୁ ସରଳ କୁହାଯିବ କି ? ବଡମଣିଷଟିଏ ହେବା ଯଦିଏ ଏତେ କଷ୍ଟ ନୁହେଁ କିମ୍ବ ମଣିଷପଣିଆକୁ ବଜାୟ ରଖିବାରେ ହୁଏ ଅସଲ ସଂଘର୍ଷ । କଥା କହିବା ଓ କଥା ଦେବା ସରଳ ହେଇଥିବାବେଳେ କଥାକୁ କାର୍ଯ୍ୟରେ ପରିଣତ କରିବା ପାଇଁ କାହିଁକି ସଂଘର୍ଷ କରିଥାନ୍ତି ? ରାତିଦିନ ଏକ ଜରି ଟଙ୍କା ରୋଜଗାର କରୁଥିବା ମଣିଷଟି ଆକାଳରେ ପ୍ରତିଦିନ ଦେଖି ସୁନ୍ଦରତା ପରଖୁଥିବାବେଳେ ଅପରେଷ୍ଟା କରେ ଭାବମୂର୍ତ୍ତି ବଦଳାଇବାକୁ ପୁରୁଣା ଆକାନକୁ ପରିବର୍ତ୍ତନ କରି ସଂଘର୍ଷ ହୁଏନି ଚିନ୍ତାଧାରା ଓ ଝୁଲକୁ ତର୍ଜମା କରି ଏଠି । ତେଣୁ ସଂଘର୍ଷ ହିଁ ସଂଘର୍ଷକୁ ପ୍ରେରଣା ଦିଏ ପରିସ୍ଥିତିର ସାମ୍ନା କରିବାର ପ୍ରତିଜ୍ଞା ନେଇ । ଲକ୍ଷ୍ୟ ସ୍ଥିରରେ ପହଞ୍ଚିବାକୁ ସଂଘର୍ଷପୂର୍ଣ୍ଣ ପରିସ୍ଥିତି ହିଁ ଏକମାତ୍ର ମାର୍ଗ ବୋଲି କୁହାଯିବ କି ? ଜଣେ ସଫଳତା ପାଇ ସାରିଲା ପରେ କୁହାଯାଏ, ସେ ସଂଘର୍ଷ କରୁଥିବା ସମୟରେ ଆଉଡିକେ ବୁଡିଥା ମିଳିନଥିରେ ଆହୁରି ସଫଳତା ମିଳିଥାଏ । ତେଣୁ ନିଉତର ପ୍ରୟାସ ଓ ଦୃଢ ମାନସିକତା ହିଁ ସଫଳତା ଆଣିଥାଏ ଯେ କୌଣସି ପରିସ୍ଥିତିରେ । ଅସ୍ତିତ୍ୱିଶା ସହରରେ କିଛି ନଥାଏ ଅଭାବ ଓ ସଂଘର୍ଷଶାଳ ପାଖରେ । ସର୍ବଦା ମନେ ପକାଇଦିଏ ସଫଳତାର ପାଦଚିହ୍ନ । ଏଥିରେ ସୁନେଲି ଛବି ଆଙ୍କି ହୋଇଯାଏ ଆଗାମୀ ଦିନର । ବର୍ତ୍ତମାନର ଦୁର୍ଗତିକୁ ପାରୋଇଦିଲାକୁ ଅତରେ ପ୍ରୟାସ ହୁଏ ସଂଘର୍ଷମୟ କାହାଣୀ ରୂପେ । ସଂଘର୍ଷ ତାକୁ କୁହାଯାଏ କି ସଫଳତା ପାଇବାକୁ ଯାହା ସାମ୍ନା କରନ୍ତି ? ସଂଘର୍ଷ ତ ସଫଳତାକୁ ବଜାୟ ରଖିବାକୁ ହିଁ ହୁଏ । ଯେପରି ରାସ୍ତା ଦିଆରି ଜରିବାକୁ ତ କଷ୍ଟ ତ ସଂଘର୍ଷ କରିବାକୁ ହୁଏ କିମ୍ବ ରାସ୍ତାରେ ଶୃଙ୍ଖଳିତ ଚାଲିବା ହିଁ ପ୍ରକୃତ ସଂଘର୍ଷପୂର୍ଣ୍ଣ । ଶିକ୍ଷା ସେବନରେ ସ୍ୱାସ୍ଥ୍ୟ ବିଡିଯିଏ ଓ ଦୁର୍ଜାତି ଅନ୍ୟାୟ ବୋଲି ବହୁତ ବହିରେ ପଢିଥାନ୍ତି କିମ୍ବ ତାକୁ କାର୍ଯ୍ୟରେ ଜଗାଇବାରେ କାହିଁକି ସଂଘର୍ଷ କରିବାକୁ ହୁଏ ? ସଂଘର୍ଷମୟ ସ୍ୱାଦର ସଫଳତା ନିଆରା ଅନୁଭୂତି ଆଣି ପାରେନା । ପରିସ୍ଥିତି ଓ ପରିବେଶ ସର୍ବଦା ଅନୁକୂଳ ହୋଇଥିରେ ଯେ ସଫଳତା ଶୀଘ୍ର ଓ ଆହୁରି ଅଧିକ ମିଳିବ କି ? ଏଥିରେ ଆମେ କହିପାରିବା କି ସଫଳତା ହାତ ମୁଠାରେ ପାରବାକୁ ହେଲେ ଅଧିକ ସଂଘର୍ଷକୁ ସାମ୍ନା କରିବା ଜରୁରୀ ?

ସ୍ୱାସ୍ଥ୍ୟ ଚେତନାରେ ପୁଣ୍ୟ ମାସ କାର୍ତ୍ତିକ
॥ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ॥

ବର୍ଷକ ବାର ମାସ ମଧ୍ୟରେ କାର୍ତ୍ତିକ ମାସର ସ୍ୱତନ୍ତ୍ର ଅନନ୍ୟ । ଚିନ୍ତୁ ଧର୍ମରେ ଏହା ଖୁବ ଗୁରୁତ୍ୱ ବହନ କରିଥାଏ । ଚତୁର୍ମାସ୍ୟାର ଶେଷ ପର୍ଯ୍ୟାୟ କାର୍ତ୍ତିକ ମାସ । କାର୍ତ୍ତିକ ମାସକୁ ସମସ୍ତେ ଧର୍ମ ମାସ ଭାବେ ବୁଝନ୍ତି । ପୂଜା ପ୍ରାର୍ଥନା ସହ ମଣିଷର ଖାଦ୍ୟ ଓ ଚିନ୍ତାଧାରା ମଧ୍ୟ ବଦଳି ଯାଇଥାଏ । ସ୍ନାନ, ଦାନ, ପୂଜାର୍ଚ୍ଚନା ପାଇଁ ଏହି ମାସ ଶ୍ରେଷ୍ଠ । କାର୍ତ୍ତିକ ପୂର୍ଣ୍ଣିମା ରାସ ବା ରାଜାସ ପୂର୍ଣ୍ଣିମା ନାମରେ ମଧ୍ୟ ପରିଚିତ । ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଓତଃପ୍ରୋତ ଭାବେ ଜଡ଼ିତ । ଅପର ପକ୍ଷରେ ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ଏହା କମ ଗୁରୁତ୍ୱପୂର୍ଣ୍ଣ ନୁହେଁ । ପୁନଶ୍ଚ କାର୍ତ୍ତିକ ଏକ ଧର୍ମ ମାସ ରୂପେ ମଧ୍ୟ ପରିଚିତ । ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ ବୃଦ୍ଧ - ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସାରି ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇ ଉପୁଡ଼ିବାର ପରିଲକ୍ଷିତ ହୁଏ । ତାର ମାସ ମଧ୍ୟରୁ କାର୍ତ୍ତିକ ମାସରେ ପୃଥିବୀର ବାତାବରଣ ବହୁତ ଶାନ୍ତ ଓ ପରିଷାର ରହେ ।

ବାୟୁମଣ୍ଡଳର ଶୁଦ୍ଧ ବାତାବରଣରେ ଜଳ ପବିତ୍ର ହୋଇଥାଏ । ଏଣୁ ଏହି ମାସରେ ପ୍ରତିଦିନ ପ୍ରତ୍ୟୁଷରୁ ସ୍ନାନ ଜଳେ ଶାରୀରିକ ଓ ମାନସିକ ରାତେ ବ୍ୟାପ୍ତି ସୁସ୍ଥ ଅନୁଭବ କରେ । ଉଗବାଳକ ପ୍ରତି ଭାବପ୍ରବଣତା ସୃଷ୍ଟି ହୁଏ । ବ୍ୟକ୍ତି ଅତୀତର ସମସ୍ତ ଦୁଃଖକୁ ଭୁଲିଯାଏ ଏହି ପବିତ୍ରତା ମଧ୍ୟରେ । ଜଳରେ ସ୍ୱତନ୍ତ୍ର ରାତେ ଇଲେକ୍ଟ୍ରୋ-ମ୍ୟାଗ୍ନେଟିକ ଶକ୍ତି ସଂଚାର ହୋଇଥାଏ । ଏହା ମନ ଓ ଶରୀରକୁ ଶକ୍ତି ଯୋଗାଏ ଏବଂ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରିବା ଦ୍ୱାରା ପାକସ୍ଥଳୀ ଓ ଯକୃତର ସମସ୍ତ ରୋଗ ଦୂର ହେବା ସହ ହର୍ମୋନ ସମ୍ବନ୍ଧଜନରେ ରକ୍ଷା କରିଥାଏ । ବର୍ଷା ଋତୁ ପରେ କାର୍ତ୍ତିକ ମାସ ପଡ଼େ । ବର୍ଷାଦିନେ ବର୍ଷାପରିରେ ଗଛପତ୍ର, ତେଉମୂଳ ଧୋଇହୋଇ ଆସି ନଦୀ ଓ ପୋଖରୀରେ ପଡ଼ିଥାଏ । ଏହାଦ୍ୱାରା ଜଳ ଖିଷ୍ଟାଧାୟ ଓ ପବିତ୍ର ହୋଇଥାଏ । ଏଣୁ କାର୍ତ୍ତିକ ମାସରେ ପ୍ରତ୍ୟୁଷରୁ ସ୍ନାନ କରିବା ଦ୍ୱାରା ରୋଗ ଓ ଶୋକ ଦୂର ହୋଇଯାଏ । ଏହିଦିନରେ ଅଧିକ ଭୁଡାଣୁ ଓ କୀଟାଣୁ ସୃଷ୍ଟି ହୋଇଥାନ୍ତି । ଘରେ ଦୀପ ଜାଳିବା ଯୋଗୁଁ ଭୁଡାଣୁ ଓ କୀଟାଣୁରୁ ରକ୍ଷା ମିଳିଥାଏ । ତୁଳସୀକୁ ପୂଜା କରିବା ଦ୍ୱାରା ଏଥିରୁ ଉତ୍ପନ୍ନ ହେଉଥିବା ଟକ୍ସିନ କେମିକାଲ କୀଟାଣୁ ଓ ଭୁଡାଣୁକୁ ନାଶ କରିବା ସହ ବାତାବରଣକୁ ଶୁଦ୍ଧ ରଖିଥାଏ । ତୁଳସୀ ପତ୍ର ଆହ୍ୱା ଓ ପୁସଫୁସ ଜନିତ ରୋଗ ଦୂର କରିଥାଏ । ଏହି ମାସରେ ତୁଳସୀ ତଉରା ମୂଳେ ଦୀପ ଜାନ କରିବା ଦ୍ୱାରା ସ୍ମୃତି ବୃଦ୍ଧି ପାଇଥାଏ । ଉପବାସ ଜଳେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଏହି ମାସରେ ସତ୍ୱ ଗୁଣ ଓ ରଜ ନାଡିରେ ରହି ଖାଦ୍ୟ ଗ୍ରହଣ କରିଥାନ୍ତି । ସତ୍ୱ ମନକୁ ବିଶ୍ରାମ ଦେବା ସହ ଅନ୍ତର୍ନିହିତ ଗୁଣ ପରିପ୍ରକାଶ କରେ । ରଜ ମନକୁ ସମ୍ପୂର୍ଣ୍ଣ ଭାବେ ଶାନ୍ତି ଦେଇଥାଏ । ତମ ମନକୁ ନକରାତ୍ମକ ଭାବନାରୁ ଦୂରେଇ ରଖେ । ଭାରତୀୟ ଦର୍ଶନ ଓ ଶ୍ରୀମଦ ଭାଗବତ ଗୀତା ଅନୁଯାୟୀ ମଣିଷର ପ୍ରକୃତି ମୁଖ୍ୟତଃ ତିନୋଟି ଗୁଣ ଦ୍ୱାରା ପରିଚାଳିତ ତାହା ହେଉଛି ସତ୍ୱ, ରଜ ଓ ତମ । ପବିତ୍ର କାର୍ତ୍ତିକ ମାସରେ ଏହି ସାତ୍ୱିକ ଖାଦ୍ୟରେ ଚନ୍ଦ୍ର ଓ ଜଳୀୟ ଅଂଶ ପ୍ରଚୁର ପରିମାଣରେ ରହିଥାଏ । ସତେଜ ଫଳ ଓ ପନିପରିବା ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ । ସାତ୍ୱିକ ଖାଦ୍ୟ କାର୍ତ୍ତିକ ମାସରେ କେବଳ ଏକ ଖାଦ୍ୟ ଅଭ୍ୟାସ ନୁହେଁ ବରଂ ଏକ ସଚେତନ ଜୀବନ ଶୈଳୀ । ଏହା ଅଦିଂ ଆଧାରିତ ଏବଂ ଇନ୍ଦ୍ରିୟକୁ ଶାନ୍ତ ରଖିବା ସହ ମାନସିକ ଏକାଗ୍ରତା ବୃଦ୍ଧି କରିଥାଏ । ତେଣୁ ପୁଣ୍ୟ ମାସ କାର୍ତ୍ତିକର ଆଧ୍ୟାତ୍ମିକ ଓ ସ୍ୱାସ୍ଥ୍ୟଗତ ଶିକ୍ଷା ଚେତନା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଶିକ୍ଷଣୀୟ ।

ଜନସଂଯୋଗ ଡେପୁଟିଜେନାରିଲ, ଏମ୍ଆଇଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ

ଦିବ୍ୟ ସମ୍ଭାଷଣ
॥ ଅନୀତା ପଟ୍ଟନାୟକ ॥

ଉଗବାନ ସତ୍ୟସାଇ ବାବାଙ୍କର ଆବିର୍ଭାବ ନଭେମ୍ବର ୨୩, ୧୯୨୬ ମସିହାରେ ହୋଇଥିଲା ଓ ତାଙ୍କର ତିରୋଧାନ ୨୦୧୧ ଏପ୍ରିଲ ୨୪ ତାରିଖରେ ହୋଇଥିଲା । ସତ୍ୟସାଇ ଆଶ୍ରିତମାନେ ଆବିର୍ଭାବ ଦିବସକୁ ଜନ୍ମ ଦିନ ଭାବେ ଓ ତିରୋଧାନ ଦିବସଟିକୁ ଆରାଧନା ମହୋତ୍ସବ ରାତେ ପାଳନ କରନ୍ତି । ପୃଥିବୀର କୋଣ, ଅନୁକୋଣ ବିଭିନ୍ନ ଦେଶରେ ସତ୍ୟସାଇ ସେବା ସଂଗଠନ ଗଠିତ ହୋଇଛି । ତେଣୁ ମନରେ ସ୍ୱତଃ ପ୍ରୁଣ୍ଡ ଆସେ ଏହା କିପରି ସମ୍ଭବ ହୋଇଛି । ଏହାର ମୁଁ ଏକ ଅନୁଧ୍ୟାନ ଜରି । ୧୯୯୧ ମସିହାରେ ପ୍ରଥମଥର ପାଇଁ ତାଙ୍କର ଦର୍ଶନ ପାଦସ୍ପର୍ଶ ଓ ଦିବ୍ୟସମ୍ଭାଷଣ ଶୁଣିବାର ସୌଭାଗ୍ୟ ଲାଭ କରିଥିଲି ।

ଗଭୀର ଅନୁଧ୍ୟାନ ଜରି ଜାଣିଛି ଉଗବାନ ସତ୍ୟସାଇ ବାବା ସାଧାରଣ ଲାଖାରେ ଯାହା କହୁଥିଲେ, ତାକୁ ଲାଖଣ କୁହାଯାଉନଥିଲା ତାକୁ ଦିବ୍ୟ ସମ୍ଭାଷଣ କୁହାଯାଉଥିଲା । ଉଚ୍ଚସ୍ୱରରେ ସେ କେତେ ସ୍ତବସ୍ତୋତ୍ର ନଥିଲେ ଉତ୍ତଷିପ୍ତ ଜନତାଙ୍କ ମଧ୍ୟରେ । କିଛି କହିବା ପୂର୍ବରୁ ସେ ଧ୍ୟିା କରୁନଥିଲେ । ଗଣନା କରୁନଥିଲେ । ସେ କଥା କହିବା ବେଳେ ଗୁଞ୍ଜନ, ହାଙ୍ଗାରୋଳ, ଚିତ୍ତ ଓ ଅନୁଧ୍ୟାନ କରିବାକୁ ସମୟ ଦେଉନଥିଲେ । ସେ ବିଷ୍ଟିର କରୁନଥିଲେ ବା ପଚାରୁ ନଥିଲେ କୁଆଡେ଼ ଅସିଛ ? ସେ ଲାଖଣ ଦେବା ଉଦ୍ଦେଶ୍ୟରେ କେତେ ସମୟ ଅପେକ୍ଷ କରୁନଥିଲେ । ସେ କେତେ ବି ଚାଗ୍ରିତା ଜଡତାଜି ପାଇଁ ଲାଳାୟିତ ନଥିଲେ । ପ୍ରଚାରଷ୍ପିପ୍ତା ହୋଇ ସେ ଚତୁର୍ଦ୍ଦିଗରେ ଭ୍ରମଣ କରୁନଥିଲେ କିମ୍ବା ଆଡ଼ମ୍ବର ଦର୍ଶନା କରୁନଥିଲେ । ଲାଖଣରେ ଅନୁକରଣ ଓ ବ୍ୟର୍ଥ ଚର୍ଚ୍ଚା ଥାଏ । ସେଥିପାଇଁ ତାଙ୍କର କଥାକୁ ଲାଖଣ ପରିବର୍ତ୍ତେ ଦିବ୍ୟ ସମ୍ଭାଷଣ କୁହାଯାଏ । ସେ କଥା କହୁଥିବା ଆମକୁ, ଏକତ୍ରିତ ପ୍ରତ୍ୟେକଙ୍କୁ ଜାଗଣ୍ଡ ଅର୍ଜନ ପରି ଆମ ହୃଦୟ ବିଷ୍ଫାରପ୍ରୁଷ୍ଟ, ଉତ୍ତରିତ୍ତ ଓ ଜୀବନ ଯୁଦ୍ଧ ଲଢ଼ିବା ପାଇଁ ଆତ୍ମବଳ ସେ ଜଜବରଜା । ସେ ନିମ୍ନଭୂମିରେ ଶୁଷ୍ଟ ଜୀବନରେ ସମ୍ଭାଷଣ ମାଧ୍ୟମରେ ଜଳବର୍ଷା କରୁଥିଲେ ।

ସେ ସମ୍ଭାଷଣ ଦେବା ପୂର୍ବରୁ ନାଉବରେ ମଂଚ ତାରିପାଖେ ଲକ୍ଷ୍ୟ କରୁଥିଲେ ପୂର୍ଣ୍ଣ କୃତକାରତ୍ତର, ଅନୁସନ୍ଧାନୀ ଆଲୋକରତ୍ତା ଆଖିରେ ଦେଖୁଥିଲେ । ସେ ସମୟରେ ଆମେ ରାଉରୁଥିଲେ ସତେ ଆମେ କେତେ ଲାଗବାନ । ସେ ମୃଦୁ ହସୁଥିରେ ଦରହସରେ ଆମକୁ ଛିଣି ନେଉଥିଲେ । ଆମେ ଆମର ଆଖିକୁ ସେହି ମୁଖମଣ୍ଡଳରୁ ହଟାଇ ପାରୁନଥିଲୁ । ଆମେ ଦିମୋହିତ ହେଉଥିଲୁ ସେ ଜୈବିସତ୍ତିକ ଚାହାଣୀରେ ନିଜର ହୃଦୟକୁ ତାଙ୍କର ମୁଷ୍ଟିବେଷ୍ଟନରୁ ଜାଡ଼ିପାରି ନଥିଲୁ । ତାଙ୍କର ଆଲିଙ୍ଗନ ଓ ପାଦସ୍ପର୍ଶ ଥିଲା ଶାତଳ ଓ ଆରାମପ୍ରଦ । ସେ ସମ୍ଭାଷଣ ଦେଇସାରିବା ପରେ ମଧ୍ୟ ଘଣ୍ଟାଗୁଡ଼ା ଦେଉଥିଲା । ଉତ୍ତାର ଉଜାର କାଳେ ଆମେ ଶ୍ରୋତା ଥିଲୁ ଯେପରି ଆମେ ସେ ସମ୍ଭାଷଣ ପାଇଁ ପ୍ରତୀକ୍ଷା କରୁଥିଲେ । କାରଣ ଆଶ୍ରିତମାନେ ହୃଦୟଙ୍ଗମ କରିଥିଲେ ଦର୍ଶନଂ ପାପ ନାଶନମ୍, ସମ୍ଭାଷଣଂ ସଙ୍କଟ ହରଣଂ, ସ୍ପର୍ଶନଂ କର୍ମ ବିମୋଚନଂ ।

ନାଉବରୀ ରାଜିଁ ସେ ଯେତେବେଳେ କହୁଥିଲେ 'ପ୍ରେମ ସ୍ୱରୂପଣଣ' 'ଆତ୍ମସ୍ୱରୂପଣଣ' ସେତେବେଳେ ଲାଗୁଥିଲା ସତେଯେପରି ସ୍ୱର୍ଗଗତ୍ତ ଉପରତ ଓ ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ ହେଲା । କଣ୍ଠ ଥିଲା ମଧୁମୟ ଓ ମଧୁସମ । ପାରିପାଟ ବୃଷରେ ସ୍ୱର୍ଗୀୟ ମଧୁରଷ୍ପାମାନେ ଯେଉଁ ମନ୍ତ୍ରଘୋଷ ସଂବୃତ ଜରିଥିଲେ ତାହା ଯେପରି ଲାଖି ଆସୁଛି । ସୂର୍ଯ୍ୟନମାନ ପରି ତାଙ୍କର ଆହ୍ୱାନ ଥିଲା ସୁସ୍ପଷ୍ଟ । ଶ୍ରୋତାର ଶିଉରଣ ଆସୁଥିଲା । ତାଙ୍କର କଥା ଆମ ଜିତରେ ଇରି ଦେଉଥିଲା ଅଗାମ ଜଲ୍ଲାସ । ତାଙ୍କର କଥା ଗଙ୍ଗାସମ ତୋଷି ଆସୁଥିଲା । ବନ୍ଧନମୁକ୍ତ ମାନଙ୍କୁ ବନ୍ଧନମୁକ୍ତ କରୁଥିଲା । ସାମାନ୍ୟ ବର୍ଷଣ କରି ମହାଧ୍ୟ ଶସ୍ୟଷ୍ପାର ଜରି ଦେଉଥିଲେ । ତାଙ୍କର ସମ୍ଭାଷଣ ଥିଲା ନିର୍ଝର, ନିର୍ମିଳ ଓ ପବିତ୍ର । ସେ ଶିଖାଉଥିରେ ଉପଦେଶ ଦେଉ ନଥିଲେ । ସଚେତ୍ତତ୍ତି ବିମୋଳନ କରୁଥିଲେ । ମାନଷପଟରେ ପ୍ରଶ୍ନ ଉଦୟ ହେବା ପୂର୍ବରୁ ସେ ପ୍ରଶ୍ନ ଗୁଡ଼ିକରେ ଥିବା ଶବ୍ଦର ସାଜା ନିଜପ୍ତରେ ଜରି ସେ ଆମର ଭାର ବୋଝି ଅଥର ଲାଜାଇଦେଉଥିଲେ । ପରିତକୁ ଉଦ୍ଧାର, ରୋଗାକୁ ରୋଗମୁକ୍ତ ଓ ସତ୍ୟର ମହିମା ସ୍ଥାପନ କରୁଥିଲେ । ଅଶାନ୍ତକୁ ଶାନ୍ତ ଲୌଳ କଠିନ ମାନରେ ଶାନ୍ତି ଓ ଶକ୍ତି ଜରୁଥିଲା ତାଙ୍କର ବାଣୀ । କଥାରେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସାର ବାର୍ତ୍ତା ତୋଳୁଥିଲା । ଭାରତୀୟତା ଯେଉଁମାନେ ଖୁଣିଛନ୍ତି ତାଙ୍କର ବାଣୀ ଓ ଦର୍ଶନ କରିବାରେ ସୌଭାଗ୍ୟ ଲାଭ କରିଛନ୍ତି ।

ହେ ସାଇମାତା ! ତୁମେ ଏ କ'ଣ କଲ 'କରିଷ୍ୟେ ବଚନ ତବ' କହିବାପରେ ମଧ୍ୟ ତୁମେ ଆମକୁ ଛାଡ଼ି ଚାଲିଗଲ । ତୁମେ ଦୟାକରି ଫେରି ଆସ । ତୁମର ପ୍ରେମମୟ ରୂପକୁ ଦେଖିବା ପାଇଁ ଆମର ଚକ୍ଷୁ ତୃଷାର୍ତ୍ତ ପରି ଅପେକ୍ଷା କରି ରହିଛି ।

ଅବସରପ୍ରାପ୍ତ ପ୍ରଧାଚିକା, ଜେଡିଏ, କଟକ
ଦୂରଭାଷ : ୯୬୯୨୯୮୦୦୨୭

ଦୀପାବଳି ଓ ଶବ୍ଦ ପ୍ରଦୂଷଣ
॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଦୀପାବଳି ଏକ ସର୍ବଜାତୀୟ ଉତ୍ସବ । ଏହି ଦିନ କେତେକ ସ୍ଥାନରେ ରାତି ଉଜାରର ରହି ଲକ୍ଷ୍ମୀପୂଜା କରାଯାଏ ଏବଂ ବ୍ୟବସାୟୀମାନେ ଦୋକାନ ପୂଜା କରିବା ସହ ନୂଆ ଖାତା ଖୋଲନ୍ତି । କୁମାର ପୂର୍ଣ୍ଣିମା ପରି ଦୀପାବଳି ରାତିରେ ଉଜାରର ରହି ତାଶ୍ ଜିମା ପଶା ଖେଳିବା ପରମ୍ପରା ଲକ୍ଷ୍ମୀ ଆରାଧନାର ପ୍ରତୀକ ବୋଲି ମନେ କରନ୍ତି ଅନେକ ଅଂଚଳର ଲୋକେ । ତନ୍ତ୍ରିକେଙ୍କ ସାଧନା ପାଇଁ ଦୀପାବଳି ଅମାବାସ୍ୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୀପାବଳି ସହ ସଂପୃକ୍ତ ଚାରିଟି ପର୍ବ ହେଉଛି ଧନତ୍ରା ତ୍ରୟୋଦଶୀ ବା ଧନତ୍ରୋରସ, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ ଗୋବର୍ଦ୍ଧନ ପୂଜା ପରିବର୍ତ୍ତୀ ପାଞ୍ଚି ଦଉଡ ବର୍ଷ ଦନବାସ ସାରି, ରାବଣ ନିଧନ ତ ସୀତାଙ୍କୁ ଉଦ୍ଧାର ଜରି ରାମଚନ୍ଦ୍ର ଯେଉଁଦିନ ଅଯୋଧ୍ୟାକୁ ବାହୁଡ଼ି ଆସିଲେ ସେବିନ ମହାଆନନ୍ଦରେ ରାଜ୍ୟବାସୀ ସୁନ୍ଦର ଦୀପାଲୋକରେ ନଗରୀକୁ ସଜାଇଦେଲେ । ରାମଚନ୍ଦ୍ରଙ୍କ ପ୍ରତ୍ୟାବର୍ତ୍ତନର ସ୍ମତି ଉଦ୍ଯାପ କରେ ଏହି ଦୀପାବଳି ଦୋଳି ମଧ୍ୟ କୁହାଯାଇଥାଏ । ଆହୁରି ମଧ୍ୟ ପୁରାଣ ଅନୁସାରେ ଉଗବାନ ଶ୍ରୀକୃଷ୍ଣ ମା 'ମହାକାଳୀଙ୍କ ସହାୟତାରେ ଅତ୍ୟାଚାରୀ ନାରକାସୁରକୁ ବଧ କରିଥିବାରୁ ଆନନ୍ଦରେ ଅଥାର ମର୍ତ୍ତ୍ୟବାସୀ ଏହିଦିନ ଦୀପାଲୋକରେ ଘର ସଜାନ୍ତି ଏବଂ ମା 'କାଳୀଙ୍କୁ ମଧ୍ୟ ପୂଜା କରନ୍ତି । ପୁଣି ଏହି ଦିନ ଓଡ଼ିଶାରେ ପାଳିତ ହୁଏ ପୟା ଅମାବାସ୍ୟା ଭାବେ । ପିତୃପୁରୁଷଙ୍କୁ ସନ୍ଧ୍ୟାରେ ଶ୍ରାଦ୍ଧବାନ କରାଯିବା ସହ ବଳିଦା ଓ କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ଅଞ୍ଚାରରେ ଆସି ଆଲୁଅରେ ଯାଅ, ଅମୃତ ବୃଷ୍ଟିରେ ଆମକୁ ଦେଖୁଆଅ ବୋଲି ଡାକ ଦେଇ ଆଲୋକ ପ୍ରଦର୍ଶନ କରାଯାଏ । ଆଉ ଏକ ପରମ୍ପରା ହେଲା ଦୀପାବଳି ଦିନ ଶ୍ରାଦ୍ଧ ପରେ ରାତିରେ ଘର ଅଗଣାରେ ଏକ ଦୋଇତ ବିତ୍ତ ପଂଚବର୍ତ୍ତୀ ମୂତ୍ତୁରେ ଆଳି ପାଇଁ ଦୀପାବଳି ପାଳନ କରାଯାଉଛି ।

ଚଳିତ ବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ପୁଟା ଓ ବାଣର ବ୍ୟବହାର ଉପରେ ମାନ୍ୟବର ସୁପ୍ରିମକୋର୍ଟ କଟକଣାକୁ କଠୋର କରିଛନ୍ତି । ଖଖପାଠ କହିଛନ୍ତି ୨୦୨୧ରେ ପ୍ରଦୂଷଣ ବୃଦ୍ଧି କରୁଥିବା ବାଣ ବିକ୍ରି ଓ ପୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ । କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ମାନ୍



ଆରମ୍ଭ

SEITHO ARAMBHA

ଶନିବାର, ୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫



ବାଲେଶ୍ୱର ସଦରରେ ଅନୁଷ୍ଠିତ ହେଲା 'ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ' ଶୀର୍ଷକ ବୁଦ୍ଧିଜୀବୀ ସମ୍ମିଳନୀ



ବାଲେଶ୍ୱର, ୦୬/୧୧ (ଆ.ମପ୍ର) : ଭାରତୀୟ ସମ୍ବିଧାନର ମହାନ ଆଦର୍ଶ, ଗଣତାନ୍ତ୍ରିକ ପରମ୍ପରା, ନାଗରିକ ଅଧିକାରର ସୁରକ୍ଷା ଏବଂ ରାଷ୍ଟ୍ରର ସାମଗ୍ରିକ ବିକାଶକୁ ନେଇ ଶୁକ୍ରବାର ବାଲେଶ୍ୱର ସହରସ୍ଥିତ ଆଡିଆସ୍ୟ ଭବନ ପରିସରରେ 'ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ' ଶୀର୍ଷକ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ ଉପସ୍ଥିତ ଥିଲେ । ସମାଜର ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ପ୍ରାଧାପକ, ଆଇନଜୀବୀ, ସାମାଜସେବୀ, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବରିଷ୍ଠ ନେତୃବୃନ୍ଦ ଏଥିରେ ଯୋଗଦେଇ ଗଣତନ୍ତ୍ରର ସୁରକ୍ଷା ଓ ରାଷ୍ଟ୍ର ନିର୍ମାଣ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ । ବକ୍ତାମାନେ ଭାରତୀୟ ସମ୍ବିଧାନକୁ ଦେଶର ଜାତୀୟ ଏକତା, ସାର୍ବଭୌମତ୍ୱ, ସାମାଜିକ ନ୍ୟାୟ, ସମାନତା ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳ ଆଧାର ବୋଲି ଅଭିହିତ କରିଥିଲେ । ସ୍ୱାଧାନତା ପରାରୁ ଭାରତୀୟ ଗଣତନ୍ତ୍ର ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ସମ୍ବିଧାନର ଦୃଢ଼ ଭିତିଭୂମି ଓ ଦେଶବାସୀଙ୍କ ବିଶ୍ୱାସ ଯୋଗୁଁ ଗଣତାନ୍ତ୍ରିକ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ନିଜର ପରିଚୟ ବଜାୟ ରଖିଛି ବୋଲି ସେମାନେ ମତ ଦେଇଥିଲେ । ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରୁଥିବା ଅରାଜକତା, ଅସ୍ଥିରତା, ବିଚ୍ଛାନ୍ତିକର ପ୍ରଚାର ଓ ବିଭାଜନକାରୀ ପ୍ରବୃତ୍ତି ପ୍ରତି ସମାଜକୁ ସଚେତନ ରହିବାକୁ ସମ୍ମିଳନୀରେ ଆହ୍ୱାନ ଦିଆଯାଇଥିଲା । ଗଣତନ୍ତ୍ରରେ ମତଭିନ୍ନତା ଓ ଗଠନମୂଳକ ସମାଲୋଚନାର ଗୁରୁତ୍ୱ ରହିଥିବାବେଳେ ସାମ୍ବିଧାନିକ ଅନୁଷ୍ଠାନ ପ୍ରତି ସମ୍ମାନ, ଗଣତାନ୍ତ୍ରିକ ଶୃଙ୍ଖଳା ଓ ସାମାଜିକ ସଦ୍‌ଭାବ ବଜାୟ ରଖିବା ଅପରିହାର୍ଯ୍ୟ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ସୁଶାସନ, ସ୍ୱଚ୍ଛତା, ଜନକଲ୍ୟାଣ, ଆତ୍ମନିର୍ଭରତା ଓ ସମାବେଶୀ ବିକାଶକୁ ନେଇ ନିର୍ଦ୍ଧାରିତ ଲକ୍ଷ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ମନ୍ତ୍ରକୁ ଆଧାର କରି ଏକ ବିକଶିତ, ସକ୍ଷମ ଓ ଆତ୍ମନିର୍ଭର ଭାରତ ଗଠନରେ ସମାଜର ସବୁ ବର୍ଗର ସକ୍ରିୟ ଭାଗୀଦାରି ଉପରେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ । ବୁଦ୍ଧିଜୀବୀ ସମାଜର ଭୂମିକା ସମ୍ପର୍କରେ ମତ ରଖି ବକ୍ତାମାନେ କହିଥିଲେ ଯେ, ଶିକ୍ଷାବିତ୍, ଆଇନଜୀବୀ, ସାମାଜସେବୀ ଓ ସଚେତନ ନାଗରିକମାନେ ସମାଜର ଦିଗ୍‌ଦର୍ଶକ । ଜନସାଧାରଣଙ୍କ ମଧ୍ୟରେ ସଠିକ୍ ସୂଚନାର ପ୍ରସାର, ସାମ୍ବିଧାନିକ ସଚେତନତା ସୃଷ୍ଟି, ଯୁବପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣରେ ସାମିଲ କରିବା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସମ୍ମାନ ସୃଷ୍ଟି କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମ୍ମିଳନୀରେ ଉପସ୍ଥିତ ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ନିଜ ନିଜର ମତାମତ ରଖିବା ସହ ଗଣତନ୍ତ୍ରକୁ ଅଧିକ ସୁଦୃଢ଼, ଉତରଦାୟୀ ଓ ଜନାଭିମୁଖୀ କରିବାରେ ସଚେତନ ନାଗରିକ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ । ପରିଶେଷରେ ଗଣତନ୍ତ୍ରର ସୁରକ୍ଷା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ଦଳ କିମ୍ବା ସଂଗଠନର ଦାୟିତ୍ୱ ନୁହେଁ, ବରଂ ଏହା ସମସ୍ତ ଦେଶବାସୀଙ୍କ ସାମୂହିକ କର୍ତବ୍ୟ ବୋଲି ମତପ୍ରକାଶ ପାଇଥିଲା । ଦଳମତ ନିର୍ବିଶେଷରେ ସମ୍ବିଧାନର ଆଦର୍ଶକୁ ଦୃଢ଼ସଙ୍କଳ୍ପ କରି ଜାତୀୟ ଏକତା, ସାମାଜିକ ସଦ୍‌ଭାବ ଓ ଦେଶର ବିକାଶ ପାଇଁ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଥିଲା । ଏହି ସମ୍ମିଳନୀରେ ଈଶ୍ୱର ଚନ୍ଦ୍ର ବେହେରା, ପଣ୍ଡିତ ମାନି ବେହେରା, ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାଶ, ପଣ୍ଡିତ ପରିଡ଼ା, ଚନ୍ଦ୍ରଶେଖର ନନ୍ଦ, ସୁଧାଂଶୁ ଶେଖର ପରିଡ଼ା, ଉତରାକ ଦାସ ଖଗେଶ୍ୱରାୟ, ବିପୁଳ ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, ସଦ୍ୟତିତ ମିଶ୍ର, ପ୍ରଭାକର ସାହୁ, ଜମାକାନ୍ତ ମହାପାତ୍ର, ତିତରଞ୍ଜନ ପଣ୍ଡା, ସୁଜିତ ଦେବ, ରାଗବତ ସାହୁ, ବିନୟ କୁମାର ମହାନ୍ତି, ଲେଖବ ଆଚାର୍ଯ୍ୟ, ଉଷ୍ଟ୍ରରେଖା ଦେବ, ମମତା ମହାପାତ୍ର, ସୁଷମା ବିଶ୍ୱାଳ, ମନୋଜ ଦାସ, ଦେବୀ ପ୍ରସାଦ ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ଗରନ ରାଉତ, ଡ. କାଳିପଦ ପଣ୍ଡା, ବିଶ୍ୱଦାସ ବୁଦ୍ଧୁ, ଅଶୋକ କୁମାର ଦାଶ, ଲକ୍ଷ୍ମୀକାନ୍ତ ଦେବେରା, ରୋହାଲିନ ପାଣି, ଗଙ୍ଗାଧର ରାଉତ, ରାଜେନ୍ଦ୍ର ତାଟାଙ୍କି ଓ ବିଜୁଟି ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ପୁରୀରେ ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ପାଳିତ

ପୁରୀ, ୦୬/୧୧ (ଆ.ପ୍ର) : ବିଶିଷ୍ଟ ସମାଜବାଦୀ ଜନନେତା ତଥା ଲୋକସଭାର ପୂର୍ବତନ ଡାଟସ୍ତରି ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଶୁକ୍ରବାର ପୁରୀସ୍ଥିତ ସଂସ୍କୃତି ଭବନଠାରେ ରବି ରାୟ ଜନ୍ମ ଶତବାର୍ଷିକୀ ସମିତି, ପୁରୀ ପକ୍ଷରୁ ଆୟୋଜିତ ହୋଇଯାଇଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତୁଳସିଶୋର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଡାଃ ବିଶ୍ୱଜିତ, ଲେଖିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଏବଂ ସମାଜବାଦୀ ନେତା ପ୍ରକାସ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରବି ରାୟଙ୍କ ଜୀବନ, ସଂଘର୍ଷ, ସମାଜବାଦୀ ଚିନ୍ତାଧାରା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ବକ୍ତାମାନେ କହିଥିଲେ ଯେ, ରବି ରାୟ କେବଳ ଜଣେ ରାଜନେତା ନଥିଲେ, ସେ ଥିଲେ ଗଣତନ୍ତ୍ରର ଜଣେ ନିଷ୍ଠାପର ପ୍ରହରୀ । ଲୋକସଭାର ଡାଟସ୍ତରି ଭାବେ ସେ ସଂସଦୀୟ ପରମ୍ପରା, ନିରପେକ୍ଷତା, ଶାସକ ଓ ବିରୋଧୀଙ୍କ ମଧ୍ୟରେ ସମ୍ମାନ ମର୍ଯ୍ୟାଦା ଏବଂ ଜନପ୍ରତିନିଧିଙ୍କ ସର୍ବୋଚ୍ଚ ପ୍ରାଥମିକତା ଦେଇଥିଲେ । ବର୍ତମାନର ସମୟରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷା ପାଇଁ ତାଙ୍କ ଜୀବନାଦର୍ଶ ଓ ବିଚାରଧାରା ଅଧିକ ପ୍ରାସଙ୍ଗିକ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ସର୍ବଶ୍ରୀ ବିଶିଷ୍ଟ ସାମ୍ବାଦିକ ତଥା ଲେଖକ ଗୌରାଙ୍ଗ ଚରଣ ପରିଡ଼ା, ରାଜ୍ୟସଭା ସଂସଦ ଶୁଭଶ୍ରିଣ୍ଟ ଙ୍କୁଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନରସପୁର ସୁରେନ୍ଦ୍ରନାଥ ଦାଶ, ପୁରୀ ଜିଲ୍ଲା ବାର ଆସୋସିଏସନର ସଭାପତି ପ୍ରେମାନନ୍ଦ ମହାନ୍ତି, ସ୍ଥାନୀୟ ଶତତ ବରିଷ୍ଠ ରାୟଗୁରୁ, ଜିଲ୍ଲା ସିପିଆଇ(ଏମ୍) ସମ୍ପାଦକ ଜଗନ୍ନାଥ ଦେଓ, ସର୍ବୋଦୟ ମେଳା କମିଟିର ସଭାପତି ଜମାକରୁଲ ମହାପାତ୍ର, ଜିଲ୍ଲା ବିଜେପି ସଭାପତି ଦୁଃ ଦେବେନ୍ଦ୍ରନାଥ ତରାଇ, ଜିଲ୍ଲା ସିପିଆଇ ସମ୍ପାଦକ ବୃନ୍ଦାବନ ପ୍ରଧାନ, ଆଇନଜୀବୀ ବିଜୟ କୁମାର ମିଶ୍ର ପ୍ରମୁଖ ମଂଚାସୀନ ଥିଲେ । ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସମାରୋହରେ ସ୍ତମ୍ଭକାର ହରିଶଙ୍କର ମିଶ୍ର, ପୂର୍ବତନ କାଉନସିଲର ଉଦ୍ଧ ଚରଣ ଦାସ, ଆଇନଜୀବୀ ଶିବପ୍ରସାଦ ମିଶ୍ର, କାମତେଡ ଚଂଚଳିତାୟ, ଲାଲିଦା ପାତ୍ର, ଶିଶୁ ସମାଚାରର ସମ୍ପାଦକ ସୁଜାତ ପଣ୍ଡା, ସମାଜସେବୀ ବିଜୋର ଚନ୍ଦ୍ର ଦାସ, ଶିକ୍ଷୟିତ୍ରୀ ଶତପଥୀ, ବିଶ୍ୱନାଥ ମିଶ୍ର, ପ୍ରକାଶ ଚନ୍ଦ୍ର ନାୟକ ସମେତ ପୁରୀ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ସମାଜସେବୀ ଓ ଗଣତନ୍ତ୍ରପ୍ରେମୀ ଉପସ୍ଥିତ ଥିଲେ । ଶେଷରେ ମାନସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ଅସୁସ୍ଥତା ସତ୍ତ୍ୱେ ବରିଷ୍ଠ ରାୟଗୁରୁ, ଜିଲ୍ଲା ବିଜେପି ସଭାପତି ଦୁଃ



ଆରମ୍ଭ

SEITHO ARAMBHA



ଶନିବାର, ୭ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୬

କେତିଙ୍ଗିରେ ହାତୀ ଆତଙ୍କ, ରାତି ଅଧରେ ଜଙ୍ଗଲରେ ବିଧାୟକଙ୍କ ଅପରେସନ

ପାରଜାଖେମୁଣ୍ଡି, ୦୬/୧୧ (ଆ.ପ୍ର) : ହାତୀ ଆତଙ୍କରେ ଉତ୍ତପ୍ତ କେତିଙ୍ଗି ଅଂଚଳରେ ମଧ୍ୟରେ ଚିନ୍ତା ବଢ଼ିଥିବା ବେଳେ ଗାତି ଅଧରେ ଜଙ୍ଗଲକୁ ଓଲ୍ଲାଇଲେ ପାରଜାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ । ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବନବିଭାଗ କର୍ମଚାରୀଙ୍କ ସହ ପ୍ରାୟ ୨ କିଲୋମିଟର ଅଞ୍ଚଳ ଜଙ୍ଗଲରେ ପଦଯାତ୍ରା କରି ହାତୀର ଗତିବିଧି ଓ ସୁରକ୍ଷା ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ । କେତିଙ୍ଗି ଅଂଚଳରେ ହାତୀର ଉପସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଦେଖାଦେଇଥିବା ବେଳେ ବିଧାୟକଙ୍କ ଏହି ଗସ୍ତ ଲୋକଙ୍କ ମଧ୍ୟରେ ଭରସା ଯୋଗାଇଛି । ଲୋକଙ୍କ ସୁରକ୍ଷା ପାଇଁ ବନବିଭାଗର ପଦକ୍ଷେପ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ଗାତିର ଅଞ୍ଚାଗରେ ଜଙ୍ଗଲ ଭିତରକୁ ଯାଇ ହାତୀର ଗତିବିଧି, ହାତୀର ଚଳପ୍ରବଳ ଅଂଚଳ ଏବଂ ଜନସାଧାରଣଙ୍କ ସୁରକ୍ଷା ସମ୍ବନ୍ଧୀୟ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ । ବିପଦ ସମୟରେ ଅଂଚଳବାସୀଙ୍କ ସୁରକ୍ଷା ଓ ସତର୍କତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ହାତୀ ଆତଙ୍କକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ବନବିଭାଗର ପଦକ୍ଷେପ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ଗାତିର ଅଞ୍ଚାଗରେ ଜଙ୍ଗଲ ଭିତରକୁ ଯାଇ ହାତୀର ଗତିବିଧି, ହାତୀର ଚଳପ୍ରବଳ ଅଂଚଳ ଏବଂ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିବା ବିଧାୟକଙ୍କ ଏହି ଅନୁଧ୍ୟାନ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ହାତୀ ଆତଙ୍କ ଜନି ସମ୍ବେଦନଶୀଳ ସମସ୍ୟାରେ ଜନସାଧାରଣଙ୍କ ସୁରକ୍ଷା, ବନବିଭାଗର ସମନ୍ୱୟ ଓ ସତର୍କତା ରକ୍ଷା ଉପରେ ଏହି ଗସ୍ତ ଗୁରୁତ୍ୱ ଆରୋପ କରିଛି । ଲୋକଙ୍କ ସୁରକ୍ଷା ପାଇଁ ବନବିଭାଗର ମୌଳାକୁ ଓଲ୍ଲାଇ ବିପଦ ସ୍ଥିତିର ନିଜେ ଅନୁଧ୍ୟାନ କରିଥିବା ବିଧାୟକଙ୍କ ଏହି ପଦକ୍ଷେପ କେତିଙ୍ଗି ଅଂଚଳରେ ହାତୀ ଆତଙ୍କ ମୁକାବିଲା ନେଇ ନୂଆ ଆଲୋଚନା ସୃଷ୍ଟି କରିଛି ।

ଚାକିରିର ମିଛ ସ୍ୱପ୍ନ ଦେଖାଇ ୨ ଲକ୍ଷରୁ ଅଧିକ ଟଙ୍କା ଚଳୁ

ଧାମନଗର, ୦୬/୧୧ (ଆ.ପ୍ର) : ପୁଅକୁ ଚାକିରି କରାଇଦେବାର ଲୋଭ ଦେଖାଇ ଲକ୍ଷାଧିକ ଟଙ୍କା ଆଦାୟ ! ଚାକିରି ମିଳିଲାନି, ଫେରିଲାନି ଟଙ୍କା; ଓଲଟା ମିଳିଲା ଧମକ ! ଏଭଳି ଏକ ସଙ୍ଗିନ ଅଭିଯୋଗ ଏବେ ଧାମନଗର ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଚାକିରି କରାଇଦେବା ନାଁରେ ଜଣେ ବ୍ୟକ୍ତିଙ୍କଠାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିବା ଅଭିଯୋଗରେ ଧାମନଗର ଥାନାରେ ତିନି ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ଶ୍ୟାମପୁର ଗ୍ରାମର ୬୦ ବର୍ଷୀୟ ସୁକାନ୍ତ ନାୟକଙ୍କ ପୁଅକୁ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ବାହାଟିଆ ଅଂଚଳର ରାଜକିଶୋର ଦାଶ ଟଙ୍କା ନେଇଥିଲେ । ଫୋନ୍‌ପେ ମାଧ୍ୟମରେ ୧ ଲକ୍ଷ ୯୬ ହଜାର ୩୦୦ ଟଙ୍କା ଏବଂ ନଗଦ ୭ ହଜାର ଟଙ୍କା ଦିଆଯାଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି । ରାଜକିଶୋର ଯାନନ୍ତର ବାଜିକା ହାଲୁଆଘରେ ପୂର୍ବରୁ କାର୍ଯ୍ୟ କରୁଥିବେ ବୋଲି ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି । କିନ୍ତୁ ଚାକିରି ସମ୍ପର୍କରେ ବାରମ୍ବାର ପଚରାଯିବାରୁ ଅଭିଯୁକ୍ତ ବିନ୍ଦିନ୍ ବାହାନା ବେଖାଇ ଏଡ଼ାଇ ଯାଇଥିବା, ଫୁଲ ଛାଡ଼ି ଚାଲିଯାଇଥିବା ଏବଂ ମୋବାଇଲ୍ ଫୋନ୍ ବନ୍ଦ କରିଦେଇଥିବା ସୁକାନ୍ତ ଅଭିଯୋଗ କରିଛନ୍ତି । ଟଙ୍କା ଫେରସ୍ତ ମାଗିବାରୁ ରାଜକିଶୋରଙ୍କ ସମେତ ସାବିତ୍ରୀ ଦାଶ ଓ ରାଜକିଶୋରଙ୍କ ଝିଅ ପଲ୍ଲବୀ ଯାନ୍ତ ଓ ପୂର୍ବତନ ସରପଞ୍ଚ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି ।ଏହି ଘଟଣାରେ ଧାମନଗର ଥାନାରେ ମାମଲା ନଂ ୦୪୬୧, ତା. ୦୩.୧୧.୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୧୬, ୩(୫), ୩୧୮(୪) ଓ ୩୫୧(୨) ଅନୁଯାୟୀ ମାମଲା ରୁଜୁ ହୋଇଛି । ଏଏସ୍‌ଆଇ ନରେନ୍ଦ୍ର କୁମାର ଜାନାଙ୍କୁ ତଦନ୍ତଭାର ଦିଆଯାଇଛି । ଚାକିରି ଜନି ସମ୍ବେଦନଶୀଳ ବିଷୟକୁ ଆଧାର କରି ଟଙ୍କା ନେଣଦେଣ ଅଭିଯୋଗ ଏବେ ଅଞ୍ଚଳେ ପ୍ରଶ୍ନ ସୃଷ୍ଟି କରିଛି । ତଦନ୍ତରେ ଟଙ୍କା ନେଣଦେଣର ସତ୍ୟତା ଓ ଅଭିଯୋଗର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

ରାୟଗଡ଼ ଜିଲ୍ଲାରେ କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଜନିତ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଓ ଅଫ୍‌ସାଇଟ୍ ମକ୍ ଡ୍ରିଲ୍ ଅନୁଷ୍ଠିତ



ରାୟଗଡ଼, ୦୬/୧୧ (ଆ.ପ୍ର) : ରାୟଗଡ଼ ଜିଲ୍ଲାରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣା ତଥା କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଜନିତ ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ଏବଂ ବିଭିନ୍ନ ବିଭାଗର ପ୍ରସ୍ତୁତି ଆକଳନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସଭାଗୃହ କକ୍ଷରେ ଏକ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା । ଡେପୁଟି କାଲେକ୍ଟର ଅପ୍ ଫ୍ୟାକ୍ଟିଜ୍ ଆଣ୍ଡ ଡଏଜର୍ସ, ରାୟଗଡ଼ ବିଜିନ୍ଦ୍ରନଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ ଜଏନ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଆଂଚଳିକ ପରିବହନ ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ ବିଭାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ, ଚେଚାଇ, ଟିପି ସାଉଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ କମ୍ପାନି ଲିମିଟେଡ୍ ଏବଂ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଜନିତ ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ ବିଭାଗର ଗାସ୍ତିତ୍ୱ ଓ କାର୍ଯ୍ୟଧାରା, ମକ୍ ଡ୍ରିଲ୍‌ର ପ୍ରାଥମିକ କାର୍ଯ୍ୟପଦ୍ଧତି, କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ପରିସ୍ଥିତିକୁ ଆୟତ୍ତ କରି ଏକ ଅଫ୍‌ସାଇଟ୍ ଏମର୍ଜେନ୍ସି ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜରୁରୀକାଳୀନ ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ଦ୍ରୁତିତ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ସେବା, ଜନସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତିକୁ ପରୀକ୍ଷା କରିବା । ଏଭଳି ଅଭ୍ୟାସ ଦ୍ୱାରା ଭବିଷ୍ୟତରେ ଜୌଖସି ରାସାୟନିକ ଦୁର୍ଘଟଣା ଘଟିଲେ ତାହାର ସଫଳ ମୁକାବିଲା କରିବା ସହ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ ।

ନୂଆପଡ଼ା ଜିଲ୍ଲାର ୩୫ଟି ସ୍ଥାନରେ ଶିଳାନ୍ୟାସ ହେବ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ନୂଆପଡ଼ା, ୦୬/୧୧ (ଆ.ପ୍ର) : ରାଜ୍ୟରେ ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି ସହ ଗ୍ରାମାଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଓ ଆଧୁନିକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଉ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଏହି କ୍ରମରେ ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୬୩୦ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଶିଳାନ୍ୟାସ କରାଯିବ । ଏଥିରେ ନୂଆପଡ଼ା ଜିଲ୍ଲାର ୩୫ଟି ସ୍ଥାନ ସାମିଲ ହୋଇଥିବାରୁ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ନୂଆ ଆଶା ସଂଚାର ହୋଇଛି । ନଭେମ୍ବର ୬ ତାରିଖ ପୂର୍ବାହ୍ନ ୧୧ଟାରେ କେନ୍ଦ୍ରୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ରାଜ୍ୟସ୍ତରୀୟ ଶିଳାନ୍ୟାସ ସମାରୋହ ଆୟୋଜିତ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ ୬୩୦ଟି ବିଦ୍ୟାଳୟର ଶିଳାନ୍ୟାସ କରିବେ । ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ, କେନ୍ଦ୍ରୁଝର ସାଂସଦ ଅନନ୍ତ ନାୟକ, ଡେଇଲୋର ବିଧାୟକ ଜା. ଫକୀର ମୋହନ ନାଏକ, ଘଷିପୁରା ବିଧାୟକ ଚନ୍ଦ୍ରି ନାରାୟଣ ପାତ୍ର, ପାଟଣା ବିଧାୟକ ଅଳ୍ପକ ଚନ୍ଦ୍ର ନାଏକ ଓ ଅନନ୍ତପୁର ବିଧାୟକ ଜାନକୀ ବାହୁବାତ୍ତାର ପାଟପତ୍ର ସହ ସେମାନଙ୍କର ସର୍ବାଙ୍ଗୀଣ ବିକାଶକୁ ଗୁରୁତ୍ୱ ଦିଆଯାଇପାରିବ । ବିଶେଷକରି ଗ୍ରାମାଚଳର ଶିଶୁମାନେ ମଧ୍ୟ ସହରାଞ୍ଚଳର ଶିକ୍ଷା ସୁବିଧା ସହ ସମାନ ଗୁଣାତ୍ମକ ଶିକ୍ଷା ପାଇବାର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି । ନୂଆପଡ଼ା ଜିଲ୍ଲାର ୩୫ଟି ସ୍ଥାନରେ ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଶିଳାନ୍ୟାସ ସମାରୋହ ଆୟୋଜିତ ହେବ । ଏଥିପାଇଁ ନୂଆପଡ଼ା ବ୍ଲକ ଅନ୍ତର୍ଗତ ଭୁଟମପାଣି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମୁଖ୍ୟ ସମାରୋହ ଆୟୋଜନ କରାଯାଇଛି । ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଜନ୍ମଭୂମି ଖଡ଼ିଙ୍ଗପଲ୍ଲୀ ଓ ଚୋଡ଼େନ୍ଦ ବ୍ଲକର ବିନ୍ଦିନ୍ ଚିହ୍ନିତ ସ୍ଥାନରେ ମଧ୍ୟ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଉନ୍ନତ ଶିକ୍ଷଣ ପରିବେଶ ସୃଷ୍ଟି, ଆଧୁନିକ ଶିକ୍ଷା ସୁବିଧାର ସମ୍ପ୍ରସାରଣ ଏବଂ ଆବଶ୍ୟକ ଭିତ୍ତିଭୂମିର ବିକାଶ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ସେମାନଙ୍କର ସର୍ବାଙ୍ଗୀଣ ବିକାଶକୁ ଗୁରୁତ୍ୱ ଦିଆଯାଇପାରିବ । ବିଶେଷକରି ଗ୍ରାମାଚଳର ଶିଶୁମାନେ ମଧ୍ୟ ସହରାଞ୍ଚଳର ଶିକ୍ଷା ସୁବିଧା ସହ ସମାନ ଗୁଣାତ୍ମକ ଶିକ୍ଷା ପାଇବାର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି । ନୂଆପଡ଼ା ଜିଲ୍ଲାର ୩୫ଟି ସ୍ଥାନରେ ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଶିଳାନ୍ୟାସ ସମାରୋହ ଆୟୋଜିତ ହେବ । ଏଥିପାଇଁ ନୂଆପଡ଼ା ବ୍ଲକ ଅନ୍ତର୍ଗତ ଭୁଟମପାଣି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମୁଖ୍ୟ ସମାରୋହ ଆୟୋଜନ କରାଯାଇଛି । ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଜନ୍ମଭୂମି ଖଡ଼ିଙ୍ଗପଲ୍ଲୀ ଓ ଚୋଡ଼େନ୍ଦ ବ୍ଲକର ବିନ୍ଦିନ୍ ଚିହ୍ନିତ ସ୍ଥାନରେ ମଧ୍ୟ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଉନ୍ନତ ଶିକ୍ଷଣ ପରିବେଶ ସୃଷ୍ଟି, ଆଧୁନିକ ଶିକ୍ଷା ସୁବିଧାର ସମ୍ପ୍ରସାରଣ ଏବଂ ଆବଶ୍ୟକ ଭିତ୍ତିଭୂମିର ବିକାଶ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ସେମାନଙ୍କର ସର୍ବାଙ୍ଗୀଣ ବିକାଶକୁ ଗୁରୁତ୍ୱ ଦିଆଯାଇପାରିବ । ବିଶେଷକରି ଗ୍ରାମାଚଳର ଶିଶୁମାନେ ମଧ୍ୟ ସହରାଞ୍ଚଳର ଶିକ୍ଷା ସୁବିଧା ସହ ସମାନ ଗୁଣାତ୍ମକ ଶିକ୍ଷା ପାଇବାର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି ।

ପୁପୁଗାଁ ଉଚ୍ଚ ବିଦ୍ୟାଳୟକୁ ମିଳିଲା ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ମାନ୍ୟତା, ଭିତିପ୍ରସ୍ତର ସ୍ଥାପନ



ଝରୀଗାଁ, ୦୬/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଅନ୍ତର୍ଗତ ପୁପୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭାବେ ଚୟନ କରାଯାଇଥିବା ବେଳେ ଏହାର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ଶୁକ୍ରବାର କେନ୍ଦ୍ରୁଝରୀରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୬୩୦ଟି ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି କ୍ରମରେ ପୁପୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭାବେ ମାନ୍ୟତା ମିଳିବା ଅଂଚଳବାସୀଙ୍କ ପାଇଁ ଏକ ଖୁସିର ଖବର ପାଲଟିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଜ୍ରାଙ୍ଗ ମାଝୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଝରୀଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗର ସିଂ ନାୟକ, ସିଆରସିସି ଦଫନ କୁମାର ଜାନି, ନବଘନ ପୌଡ଼, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଗିରାମ ଭେଳା, ଜିଲ୍ଲା ପରିଷଦ ସଭ୍ୟା ତ୍ରିମିନା ପୂଜାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନୁର୍ଜୟ ନାୟକଙ୍କ ସମେତ ପଂଚାୟତ ଓ ମଣ୍ଡଳ ସ୍ତରୀୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ବିଦ୍ୟାଳୟକୁ ଏହି ମାନ୍ୟତା ମିଳିବା ଦ୍ୱାରା ଅଂଚଳର ଶିକ୍ଷା ବ୍ୟବସ୍ଥାରେ ନୂତନ ଆଶା ସଂଚାର ହୋଇଥିବା ବେଳେ ଏହି ପଦକ୍ଷେପକୁ ଅଭିଭାବକ ଓ ଅଂଚଳବାସୀଙ୍କ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଛି ।

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ସାମିଲ ହେଲା ଅନ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ



ଅନ୍ତରଙ୍ଗ, ୦୬/୧୧ (ଆ.ପ୍ର) : ଅନ୍ତରଙ୍ଗ ନୋଡାଲ୍ ଉପ୍ରା ବିଦ୍ୟାଳୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ଆଜି ସାମିଲ ହୋଇଛି । କେନ୍ଦ୍ରୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଭାସୀ ମାଧ୍ୟମରେ ୬୩୦ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ କରିଥିବା ବେଳେ ପୁରୀ ଜିଲ୍ଲାର ୧୩ଟି ରହିବା ଓ ଉନ୍ନୟନରେ ଅନ୍ତରଙ୍ଗ ନୋଡାଲ୍ ପ୍ରାଥମିକ ଏହି ଡାଲିକାରେ ସ୍ଥାନ ପାଇଛି । ଏହି ଅବସରରେ ଆଜି ଅନ୍ତରଙ୍ଗ ପକ୍ଷରୁ ବୁକ୍ ପଡ଼ିଆରେ ଉତ୍ସବ ଆୟୋଜନ କରି ସମସ୍ତେ ସାମିଲ୍ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅନ୍ତରଙ୍ଗ ବୁକ୍ ପ୍ରତିନିଧି ବିଦ୍ୟାଳୟ ଛାତ୍ରୀ,ଅଙ୍ଗନୱାଡ଼ି ଅତିଥି ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବୁକ୍ ଅଧ୍ୟକ୍ଷ ଆରତୀ ନାୟକ, ଉପାଧ୍ୟକ୍ଷ ଦୁର୍ଯୋଧନ ମିଶ୍ର, ମଞ୍ଚକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ, ଅନ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରାଜନ ବେହେରା ସମେତ ସିଆରସିସି ମାନେ ଉପସ୍ଥିତ ରହିଥିଲେ । ଏହି ଯୋଜନା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଉନ୍ନତ ଶିକ୍ଷଣ ପରିବେଶ, ଆଧୁନିକ ଶିକ୍ଷା ସୁବିଧା ଓ ଉନ୍ନତ ଭିତ୍ତିଭୂମି ସୁଧୁରିବା ସହ ଛାତ୍ର ଛାତ୍ରୀଙ୍କ ବିକାଶ ଅତିମ୍ରାମାନେ ମତବ୍ୟକ୍ତ କରିଥିଲେ । ଅନ୍ତରଙ୍ଗ ନୋଡାଲ ପ୍ରାଥମିକ ନୋଡାଲ୍ ବିଦ୍ୟାଳୟ ପାଇଁ ୬ କୋଟି ଟଙ୍କା ମଞ୍ଜୁର ହେବା ବୁକ୍ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସର୍ବତୋଭାବେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅଭିଭାବକ, ଛାତ୍ରଛାତ୍ରୀ ଓ ଅତିଥିବୃନ୍ଦ ପ୍ରଶଂସା ସହ ଧନ୍ୟବାଦ ଜଣାଇଛନ୍ତି ।

ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ମୃତଦେହ



ତାଳିପୁଟା, ୦୬/୧୧ (ଆ.ପ୍ର) : ଗାଈ ଓ ଛେଳି ଚରାଇବାକୁ ଯାଇଥିବା ଜଣେ ବୃଦ୍ଧାଙ୍କ ପାଇଁ କାଳ ପାଲିଟା ଦୁତଗାମୀ ପିକ୍‌ଅପ୍ ଭ୍ୟାନ୍ । ରାସ୍ତାକଡ଼ରେ ବସିଥିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ତାଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି । ଏହି ଦୃଃଖଦ ଘଟଣାକୁ ନେଇ ଅଂଚଳରେ ଶୋକ ଓ ଉତ୍ତେଜନା ପ୍ରକାଶ ପାଇଛି । ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ମୁଖ୍



ସମ୍ବାଦପତ୍ର
ଆରମ୍ଭ
SEITHO ARAMBHA



ଶନିବାର, ୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

କୋଟିଆରେ ଓଡ଼ିଶାର ବଡ଼ ବିଜୟ ଏକଜୁଟ ପ୍ରତିବାଦରେ ପଛକୁ ହଟିଲା ଆନ୍ଧ୍ର, ବୃଥି ସ୍ଥାନାନ୍ତର କୋଟିଆରେ ଓଡ଼ିଶାର ବଡ଼ ସଫଳତା

କୋରାପୁଟ, ୦୬/୧୧ (ଆ.ପ୍ର) : ଓଡ଼ିଶା ମାଟି କୋଟିଆରେ ଆଖୁକୁ ବୁଥି କରିବାକୁ ଦେବୁ ନାଇଁ - ଏହି ସଂକଳ୍ପ ଆଜି ଶତ ପ୍ରତିଶତ ସଫଳ ହୋଇଛି । ଗତ ୫ ତାରିଖରେ ଆନ୍ଧ୍ର ସମିତି ଓ ଜିଲ୍ଲା ପରିଷଦ ନିର୍ବାଚନ ବେଳେ ଓଡ଼ିଶାର ପ୍ରବଳ ବିରୋଧ ଯୋଗୁଁ ଆନ୍ଧ୍ର ନିଜ ବୁଥକୁ ସ୍ଥାନାନ୍ତର କରିବାକୁ ବାଧ ହୋଇଥିଲା । ବେଳେ ସେତିକି ନୁହେଁ, ଆନ୍ଧ୍ରର ଥିବା ସେହି ମତଦାନ କେନ୍ଦ୍ରଗୁଡ଼ିକରେ ଓଡ଼ିଶାର ଭୋଟରଙ୍କ ମତଦାନ ହାର ମାତ୍ର



୧୦ ପ୍ରତିଶତରୁ ବି କମ୍ ରହିଛି । ଜିଲ୍ଲା ପ୍ରଶାସନ, ପୋଲିସ, ରାଜନୈତିକ ଦଳ, ଗଣମାଧ୍ୟମ, ଜାଲୁରା ସଂଘ, ଓଜିନ ସଂଘ ଏବଂ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ମିଳିତ ପ୍ରଚେଷ୍ଟାର ଏହି ଐତିହାସିକ ସଫଳତା ପାଇଁ ଜିଲ୍ଲାପାଳ ମନୋଜ ସତ୍ୟଦାନ ମହାଜନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମତଦାନ ହାରକୁ ନେଇ ଯେଉଁ ତଥ୍ୟ ଆସୁଛି ତାହାର ସତ୍ୟାସତ୍ୟକୁ ନେଇ ସନ୍ଦେହ ରହିଛି ।କାରଣ ଓଡ଼ିଶାର ସ୍ୱାମୁୟ ମୋଟରେ ସମସ୍ତ ସ୍ତାମାଗୀ ଉପସ୍ଥିତ ରହିଥିଲେ । ଆସନ୍ନା ୨୯ ତାରିଖରେ ଭୋଟକୁ ଥିବା ସଗଫଂଚ ନିର୍ବାଚନକୁ ନେଇ ସ୍ୱତନ୍ତ୍ର ରାଜନୀତି ପ୍ରସ୍ତୁତ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି ।

୪ ମାସରୁ ଉର୍ଦ୍ଧ୍ୱ ହେଲା, ମିଳିଲାନି ମଜୁରୀ : ଗୁଡ୍ଡାଗା ବଣାଂଚଳରେ ବୃକ୍ଷରୋପଣ ଶ୍ରମିକଙ୍କୁ ଅବହେଳା ଅଭିଯୋଗ



ଗୁଣପୁର, ୦୬/୧୧ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ଗୁଡ୍ଡାଗା ବ୍ଲକ୍ର ବାଜନାଗୁଡ଼ାଠାରେ ବୃକ୍ଷରୋପଣ କାର୍ଯ୍ୟ କରିଥିବା ଶ୍ରମିକମାନେ ଗତି ମାସରୁ ଉର୍ଦ୍ଧ୍ୱ ସମୟ ବିତିବେ ମଧ୍ୟ ମଜୁରୀ ପାଇନଥିବା ଅଭିଯୋଗ ହୋଇଛି । ମାରା ସେବନ ଅଧ୍ୟନରେ ଗଛ ଲଗାଇବା ଓ ରକ୍ଷଣାବେକ୍ଷଣ କାମ କରିଥିବା ଶ୍ରମିକମାନେ ନିଜର ପାଉଣା ପାଇଁ ବାରମ୍ବାର ଘୁରାରି କରି ମଧ୍ୟ ନିରାଶ ହୋଇଛନ୍ତି । ଫଳରେ ଦୈନିକ ମଜୁରୀ ଉପରେ ନିର୍ଭରଶୀଳ ଗରିବ ପରିବାରଗୁଡ଼ିକ ଆର୍ଥିକ ସମସ୍ୟାରେ ପଡ଼ିଛନ୍ତି । ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ରେଞ୍ଜଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଯାଏଁ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ, ବନ ବିଭାଗର ଅଧିକାରୀ ଶ୍ରମିକଙ୍କ ପାଉଣା ବକେୟା ଥିବା ସ୍ୱୀକାର କରିଥିବା ବେଳେ କେତେ ଜଣ ଶ୍ରମିକ କାମ କରିଥିଲେ ଏବଂ ସେମାନଙ୍କ ଦୈନିକ ମଜୁରୀ କେତେ ଥିଲା, ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେଇପାରିନଥିବା ଅଭିଯୋଗ ହୋଇଛି । ସରକାରୀ ଯୋଜନାରେ କାର୍ଯ୍ୟ କରିଥିବା ଶ୍ରମିକଙ୍କ ସଂଖ୍ୟା ଓ ମଜୁରୀ ସମ୍ପର୍କିତ ତଥ୍ୟ ଉପଲବ୍ଧ ନଥିବା ଘଟଣା ବିଭାଗୀୟ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛି । ତେଣୁ ସମ୍ପୃକ୍ତ ଉଚ୍ଚ ଅଧିକାରୀମାନେ ଘଟଣାର ତଦନ୍ତ କରି ବକେୟା ମଜୁରୀ ତୁରନ୍ତ ପ୍ରଦାନ କରିବା ସହ ଦାୟିତ୍ୱରେ ଅବହେଳା ହୋଇଥିଲେ ଆଢଣ୍ଟାକ ପଦକ୍ଷେପ ନେବାକୁ ସ୍ଥାନୀୟ ମହଲରେ ଦାବି ହେଉଛି ।

ଆରଏମସି ଗୃହ ନିର୍ମାଣକୁ ନେଇ ପ୍ରଶ୍ନ, ବିନା ସୂଚନା ଫଳକରେ ଚାଲିଛି କାର୍ଯ୍ୟ

ଧାମନଗର, ୦୬/୧୧ (ଆ.ପ୍ର) : ଆନନ୍ଦ ବଜାରରେ ବିନା ସୂଚନା ଫଳକରେ ଆରଏମସି ଗୃହ ନିର୍ମାଣ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ଖର୍ଚ୍ଚ, କାର୍ଯ୍ୟର ଅବଧି ଓ ଅନ୍ୟାନ୍ୟ ବିବରଣୀ ସମ୍ପର୍କରେ ସାଧାରଣ ଲୋକେ ଅବଗତ ହୋଇ ପାରୁନଥିବାନ୍ତି । ଉତ୍ସବ ଆଗକୁ ରାସ୍ତା କାର୍ଯ୍ୟରେ ସ୍ପଦ୍ଧତା ରକ୍ଷା କରିବା ସହ ଆବଶ୍ୟକ ପଡ଼ିଲେ ଇଜିନାରୁ ତଦନ୍ତ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।କାର୍ଯ୍ୟ ଅତି ନିମ୍ନ ମାନର ହେଉଥିବା ଅଭିଯୋଗ ହୋଇଛନ୍ତି । ଫଳରେ ଦୈନିକ ମଜୁରୀ ଉପରେ ନିର୍ଭରଶୀଳ ଗରିବ ପରିବାରଗୁଡ଼ିକ ଆର୍ଥିକ ସମସ୍ୟାରେ ପଡ଼ିଛନ୍ତି । ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ରେଞ୍ଜଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଯାଏଁ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ, ବନ ବିଭାଗର ଅଧିକାରୀ ଶ୍ରମିକଙ୍କ ପାଉଣା ବକେୟା ଥିବା ସ୍ୱୀକାର କରିଥିବା ବେଳେ କେତେ ଜଣ ଶ୍ରମିକ କାମ କରିଥିଲେ ଏବଂ ସେମାନଙ୍କ ଦୈନିକ ମଜୁରୀ କେତେ ଥିଲା, ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେଇପାରିନଥିବା ଅଭିଯୋଗ ହୋଇଛି । ସରକାରୀ ଯୋଜନାରେ କାର୍ଯ୍ୟ କରିଥିବା ଶ୍ରମିକଙ୍କ ସଂଖ୍ୟା ଓ ମଜୁରୀ ସମ୍ପର୍କିତ ତଥ୍ୟ ଉପଲବ୍ଧ ନଥିବା ଘଟଣା ବିଭାଗୀୟ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛି । ତେଣୁ ସମ୍ପୃକ୍ତ ଉଚ୍ଚ ଅଧିକାରୀମାନେ ଘଟଣାର ତଦନ୍ତ କରି ବକେୟା ମଜୁରୀ ତୁରନ୍ତ ପ୍ରଦାନ କରିବା ସହ ଦାୟିତ୍ୱରେ ଅବହେଳା ହୋଇଥିଲେ ଆଢଣ୍ଟାକ ପଦକ୍ଷେପ ନେବାକୁ ସ୍ଥାନୀୟ ମହଲରେ ଦାବି ହେଉଛି ।



ପ୍ରକୃତରେ ଜୀବିକା ହରାଇଥିବା ସମସ୍ତ ବ୍ୟବସାୟୀ ଘର ପାଇବେ କି ନାହିଁ, ତାହାକୁ ନେଇ ଏବେ ଚିନ୍ତା ବଢ଼ିଛି । ସ୍ଥାନୀୟ ଅଂଚଳର ୩୬ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ନିଜର ଜୀବିକା ହରାଇଥିବା ବେଳେ ମାତ୍ର ୩୬ଟି ଘର ନିର୍ମାଣ ହେଉଥିବା ଜଣାପଡ଼ିଛି । ଫଳରେ ଯୋଗ୍ୟ ହିତାଧିକାରୀଙ୍କ ଚୟନ ଓ ଘର ବଂଟନ ପ୍ରକ୍ରିୟାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଘର ନିର୍ମାଣକୁ ନେଇ ଏବେଠାରୁ ରାଜନୈତିକ ତର୍ଜା ମଧ୍ୟ ଜୋର ଧରିବାରେ ଲାଗିଛି । ଜୀବିକା ହରାଇଥିବା ବ୍ୟବସାୟୀମାନେ ନ୍ୟାୟସଙ୍ଗତ ଭାବେ ଘର ପାଇବେ କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି । ଏହି ପରିପ୍ରେକ୍ଷୀରେ ସବ୍‌ଜଲେକ୍ଟର ସୌରଭ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ସୂଚନା ଫଳକ ଖୁବଶୀଘ୍ର ଲଗାଯିବ ବୋଲି ସେ କହିଛନ୍ତି । ତେବେ ସରକାରଙ୍କ ଏହି ଉଦ୍ୟମ ସେତେବେଳେ ସଫଳ ହେବ, ଯେତେବେଳେ ପ୍ରକୃତ ଜୀବିକା ହରାଇଥିବା ପ୍ରତ୍ୟେକ ଯୋଗ୍ୟ ବ୍ୟବସାୟୀଙ୍କୁ ନ୍ୟାୟ ମିଳିବ । ଏଣୁ ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା, ହିତାଧିକାରୀଙ୍କ ତାଲିକା ସାର୍ବଜନୀନ ଏବଂ ଗୃହ ବଂଟନରେ ପକ୍ଷପାତିତା ନହେବା ନେଇ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

ଯାଜପୁର ଆରଟିଓ କାର୍ଯ୍ୟଳୟରେ ଚାଲିଛି ଅଧିକାରୀମାନଙ୍କ ରାଜତ୍ୱ

ଯାଜପୁର, ୦୬/୧୧ (ଆ.ପ୍ର) : ଯାଜପୁରରେ ଥିବା ଆରଟିଓ କାର୍ଯ୍ୟାଳୟରେ ଚାଲିଛି ମନୋମୁଖୀ ଶାସନ ।କାହାର କାହାଣି ସାଙ୍ଗରେ ନାଇଁ ଚାଇନାରେ । ଅଧିକାରୀ ମାନେ ମନ ଇଚ୍ଛା କାର୍ଯ୍ୟାଳୟକୁ ଆସୁଛନ୍ତି । ସରକାରୀ ଅଫିସ ଆସିବା ସମୟ ଦିନ ୧୦ ଟା ଠାରୁ ୪ଟା ପର୍ଯ୍ୟନ୍ତ । କିନ୍ତୁ ଅଧିକାରୀ ମାନେ ମନ ଇଚ୍ଛା ଦିନ, ୧୧ଟାରେ ଆସୁଛି, ୩ ଜିଏ ୧୨ଟା । ନିଜେ ଅଧିକାରୀ ବାରୁ ଆସୁଛନ୍ତି ୧୨ଟା ବେଳେ, ଏମିତିଆରଟିଓ କୌଣସି ସମୟ ନାଇଁ । ଯାହା ଶୁଣିବାକୁ ମିଳେ । ଏପଟେ ଆରଟିଓ କାର୍ଯ୍ୟଳୟକୁ ଆସୁଥିବା ବିଭିନ୍ନ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ଅଭିଯୋଗ ରହିଛନ୍ତି ଯେ ସେମାନେ ବହୁ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ବାଧ ହେଉଛନ୍ତି । ଆଉଗୋଟିଏ ପ୍ରଶ୍ନ ବାରୁ ମାନେ ବିଳମ୍ବିତ ସମୟରେ ଅଫିସ ଆସିରେ ଛିଡ଼ି ନାହିଁ । ଯଦି ଜନସାଧାରଣଙ୍କ ଟିକେ ଭେଟି ହେଲା, ସବୁ ସରିଗଲା । ଅଧିକାରୀ ମାନେ ନିଜିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ ହେଉଛି । ସରକାରୀ ଅଫିସ ଆସିବା ସମୟ ଦିନ ୧୦ ଟା ଠାରୁ ୪ଟା ପର୍ଯ୍ୟନ୍ତ । କିନ୍ତୁ ଅଧିକାରୀ ମାନେ ମନ ଇଚ୍ଛା ଦିନ, ୧୧ଟାରେ ଆସୁଛି, ୩ ଜିଏ ୧୨ଟା । ନିଜେ ଅଧିକାରୀ ବାରୁ ଆସୁଛନ୍ତି ୧୨ଟା ବେଳେ, ଏମିତିଆରଟିଓ କୌଣସି ସମୟ ନାଇଁ । ଯାହା ଶୁଣିବାକୁ ମିଳେ । ଏପଟେ ଆରଟିଓ କାର୍ଯ୍ୟଳୟକୁ ଆସୁଥିବା ବିଭିନ୍ନ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ଅଭିଯୋଗ ରହିଛନ୍ତି ଯେ ସେମାନେ ବହୁ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ବାଧ ହେଉଛନ୍ତି । ଅଭିଯୋଗ ହେଉଛି ।ବତ ଦୁର୍ଗାଗଜନକ ବିଷୟ ଆର୍ ଟି ଓ କାର୍ଯ୍ୟାଳୟ ପକ୍ଷରୁ ଯାଜପୁର ସହରବାସୀ ଦାବି କରିଛନ୍ତି ।

ନାବାଳିକା ମାତୃତ୍ୱ ମାମଲାରେ ଅଭିଯୁକ୍ତ ଗିରଫ୍


ଟାଙ୍ଗୀ-ଚୌଦ୍ୱାର, ୦୬/୧୧ (ଆ.ପ୍ର) : ନାବାଳିକା ମାତୃତ୍ୱ ମାମଲାରେ ଟାଙ୍ଗୀ ପୁଲିସ୍ ଅଭିଯୁକ୍ତକୁ ଗିରଫ୍ କରିବା ସହ ପୋକ୍ସୋ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି । ସୂଚନାଥାଉଟି, ମେଡ଼ିକାଲ ଅଫିସର ଡାକ୍ତର ବୈଶାଖୀ ମହାନ୍ତିଙ୍କ ଲିଖିତ



ଅଭିଯୋଗ ଆଧାରରେ ଜଣେ ୧୭ବର୍ଷୀୟା ନାବାଳିକା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ନେଇ ଥାନାରେ କେସ୍ ନଂ.୫୯୯ରେ ମାମଲା ରୁଜୁ ହୋଇଥିଲା । ଟାଙ୍ଗୀ ଥାନା ଏଏ ଶତ୍ରୁଞ୍ଜୟ ଦାସ ଏହାର ତଦନ୍ତ କରି ଏହି ଘଟଣାର ମୁଖ୍ୟଅଭିଯୁକ୍ତ ଅରୁଣପୁର ଗ୍ରାମର ବିଶ୍ୱଜିତ୍ ବେହୁରା (୨୦)କୁ ଗିରଫ୍ କରାଯାଇ ପୋକ୍ସୋ ଅଦାଲତ, କଟକକୁ ଚାଲାଣ କରାଯାଇଥିବା ନେଇ ଥାନା ଭାରପ୍ରାପ୍ତ ଅଧିକାରୀ ବିକ୍ରମଙ୍କ ସେଠୀ ସୂଚନା ପ୍ରଦାନ କରିଛନ୍ତି ।

ବିଧାୟକଙ୍କ ପ୍ରୟାସରେ ନୂତନ ବିଦ୍ୟାଳୟ ଗୃହ, ୧୫ ଲକ୍ଷ ଟଙ୍କା ବିଧାୟକ ପାଣ୍ଠିରେ ହେଲା ନିର୍ମାଣ

ବାସୁଦେବପୁର, ୦୬/୧୧ (ଆ.ପ୍ର) : ଦର୍ଶକ ବନ୍ଧୁ, ବିଦ୍ୟାଳୟ ହେଉଛି ଶିକ୍ଷାର ମନ୍ଦିର । ହେଲେ ଯେଉଁଠି ଛାତରୁ ଖସୁଥିଲା ପ୍ଲାଷ୍ଟର, ଭୟ ଓ ଆଶଙ୍କା ମଧ୍ୟରେ ପାଠ ପଢୁଥିଲେ କୁନି କୁନି ପିଲା । ଏବେ ସେହି ବିଦ୍ୟାଳୟର ଚିତ୍ର ବଦଳିଛି । ବିଧାୟକଙ୍କ ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ନୂତନ ବିଦ୍ୟାଳୟ ଗୃହ । ଆଉ ଏଥର ଶୁଭ ଉଦ୍‌ଘାଟନ କରିଛନ୍ତି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ।ଉତ୍ତର ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ମୁଖ୍ୟଅଭିଯୁକ୍ତ ଅରୁଣପୁର ଗ୍ରାମର ବିଶ୍ୱଜିତ୍ ବେହୁରା ପ୍ରାଥମିକ ବିଦ୍ୟାଳୟ । ଛିଣ୍ଡି ଚିନ୍ନ ପୂର୍ବରୁ ବିଦ୍ୟାଳୟର ଛାତରୁ ପ୍ଲାଷ୍ଟର ଖସି ଛାତ୍ରଛାତ୍ରୀ ଆହତ ହୋଇଥିବା ଘଟଣା ସାରା ଅଂଚଳରେ ଚିନ୍ତା ସୃଷ୍ଟି



କରିଥିଲା । ଏହି ଖବର ପାଇବା ପରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ବିଦ୍ୟାଳୟରେ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲେ । ପିଲାଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ନିଜ ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ।ଚାର୍ଯ୍ୟ ଦିନର ଅପେକ୍ଷାର ଅନ୍ତ ଘଟିଛି । ନୂତନ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ଆଜି ଏହାର ଶୁଭ ଉଦ୍‌ଘାଟନ ହୋଇଛି । ବିଧାୟକ ଅଶୋକ କୁମାର ଦାସ ଆନୁଷ୍ଠାନିକ ଭାବେ ନୂତନ ଗୃହର ଉଦ୍‌ଘାଟନ କରିଥିବା ବେଳେ ଏହି ଅବସରରେ ଉପସ୍ଥିତ ଥିଲେ ବାସୁଦେବପୁର ଜିଓ ମଧ୍ୟମୁଖିତା ଗିରି, ଏଡିଓ ମୃତ୍ୟୁଞ୍ଜୟ ନାୟକ, ବାସୁଦେବପୁର ନିର୍ଦ୍ଦେଶନାଷ୍ଟନୀ ଯୁବ ସଭାପତି ସିଦ୍ଧାନ୍ତ ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମଣ୍ଡଳ, ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ମାଝୀ, ପରିଚାଳନା କମିଟି ସଭାପତି ସବିତା ଭୂୟାଁ, ସରପଂଚଙ୍କ ପ୍ରତିନିଧିଙ୍କ ସମେତ ଅଭିଭାବକ ଓ ସ୍ଥାନୀୟ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି । ନୂତନ ଗୃହ ନିର୍ମାଣ ହେବା ପରେ ଏବେ ଛାତ୍ରଛାତ୍ରୀଙ୍କ ମନରେ ଖୁସି ଓ ଅଭିଭାବକଙ୍କ ମନରେ ଆଶ୍ୱସ୍ତି । ଶିକ୍ଷାର ବିକାଶ ସହ ପିଲାଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଏଭଳି ପଦକ୍ଷେପ ନିଶ୍ଚିତ ରାତେ ଏକ ସକାରାତ୍ମକ ଦାର୍ଘା ଦେଉଛି ।

ଉଦ୍ୟାନ କୃଷି ଯୋଜନାରୁ ଏରସମାର ଚାଷୀଙ୍କୁ ମିଳୁନି ସୁଫଳ

ଏରସମା, ୦୬/୧୧ (ଆ.ପ୍ର) : ସରକାର ଚାଷୀଙ୍କୁ ବିଭିନ୍ନ ଯୋଜନାରେ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ମାନ ପ୍ରସ୍ତୁତି କରିଛନ୍ତି । ସେଥିପାଇଁ କୃଷି, ଉଦ୍ୟାନ କୃଷି ଯୋଜନାରେ ବିଭିନ୍ନ ଯୋଜନା ମାନ ରହିଛି । ବିଶେଷ କରି ସାଧାରଣ ଲୋକ କୃଷି ଯୋଜନାରେ କି କି ଯୋଜନା ରହିଛି ତାହା ଅବଗତ ଥିଲେ ସୁବା ଉଦ୍ୟାନ କୃଷି ଯୋଜନାରେ ଅବଗତ ନାହାନ୍ତି । ଏରସମା ବ୍ଲକରେ ହିଏ ଉଦ୍ୟାନ କୃଷି ଅଧିକାରୀ ଅଛନ୍ତି ତାହା ଜାଣିପାରୁ ନାହାନ୍ତି । ଏରସମା ବ୍ଲକରେ ପର୍ଯ୍ୟାପ୍ତ ପରିମାଣର ନଡ଼ିଆ, ଜାନୁ, କଦଳୀ, ସପେଟା, ଗୁଆ ଚାଷ ପାଇଁ ଚାଷୀଙ୍କ ସବୁ ସୁବିଧା ଥିଲେ ସୁବା ସରକାରୀ ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି । ବ୍ଲକରେ କିଏ କିଏ ଉଦ୍ୟାନ କୃଷି ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି । ବିଭାଗୁକୁ ଅଦା, ଆଳୁ, ପିଆଜ ମଞ୍ଜି କେତେବେଳେ ଆସୁଛି ତାହା ଜାଣି ହେଉ ନାହିଁ । ସେହିଭଳି ଅମୃତଉଣା, ଆୟ, ସପୁରୀ, କଦଳୀ, ପିଠୁଜି, ଡାରା କେତେବେଳେ ଆସୁଛି ସାଧାରଣ ଲୋକ ଜାଣି ପାରି ନାହାନ୍ତି । ସରକାର ଚାଷୀ ବନ୍ଧୁ ଉଦ୍ୟାନ କୃଷି ଯୋଜନାରେ ସବସିଡି ଯୋଗାର ଦେଇ କୃଷି ପ୍ରତି ଆକୃଷ୍ଟ ଦେବାକୁ ଚାହୁଁଛନ୍ତି କିନ୍ତୁ କିଛି ଅସାଧୁ କର୍ମଚାରୀଙ୍କ ଯୋଗୁଁ ଏହା ସମ୍ଭବ ହେଉନାହିଁ । ଫୁଡ଼ର ଉଦ୍ୟାନ କୃଷି ବିଭାଗରେ ଥିବା ଅସାଧୁ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ସାଧାରଣ ଲୋକଙ୍କୁ ଏହି ଯୋଜନାରେ ସାମିଲ ହବି ସ୍ୱାବଲମ୍ବୀ କରିବାକୁ ଏରସମା ବ୍ଲକର ବାଖା ଧାରେଇ ଫୋଟୁଣୀ, ଯୁବ ବିଜେପି ନେତା ମହେଶ୍ୱର ଗାଉ, ପଦୁପୁର ଂଚାୟତ ସମିତି ସଭ୍ୟ ନାରାୟଣ ସେଠୀ ଦାବି କରିଛନ୍ତି ।

ଅଷ୍ଟମ ବାର୍ଷିକ ଲକ୍ଷ୍ମୀନାରାୟଣ ବିଶ୍ୱଶାନ୍ତି ଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ

ନିଶିନ୍ଦୋଇଲି, ୦୬/୧୧ (ଆ.ପ୍ର) : ନିଶିନ୍ଦୋଇଲି ବ୍ଲକ କେନ୍ଦ୍ରପାଟଣା ଚିତ୍ରୋତ୍ପଳା ନଦୀ ତଟସ୍ଥ କୃଷ୍ଣ ବାବା ମଠ ପରିସରରେ ତତ୍ତ୍ୱପୁଂ ଦିନାତ୍ମକ ବ୍ୟାପୀ ଅଷ୍ଟମ ବାର୍ଷିକ ଲକ୍ଷ୍ମୀନାରାୟଣ ବିଶ୍ୱଶାନ୍ତି ଯଜ୍ଞ ତା.୨୧.୧୧.୨୦୨୬ରିଖ ଶନିବାର ଠାରୁ ଆରମ୍ଭ ହୋଇ ତା.୨୪.୧୧.୨୦୨୬ରିଖ ମାଙ୍ଗଲବାର ପର୍ଯ୍ୟନ୍ତ ପ୍ରଥାନାତି ନାତି ଅନୁଯାୟୀ ଅନୁଷ୍ଠିତ ହେବାକୁ ଯାଉଛି । ସମାଜର କଲ୍ୟାଣ ସାଧନ ନିମନ୍ତେ ଅନୁଷ୍ଠିତ ଉକ୍ତ ଯଜ୍ଞ କାର୍ଯ୍ୟ କିପରି ସୁଚାରୁରୂପେ ହୋଇପାରିବ ସେଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗଣେଶ୍ୱର ଦେବେଦାଙ୍କ ସଭାପତିତ୍ୱରେ ସମାଜସେବୀ ଜାଜିସ୍ପ୍ରସାଦ ନାୟକ, ପ୍ରଦିପ୍ତ ରାଉତ, ଅଶୋକ କୁମାର ଓଝା, ଗଞ୍ଜନ ଭୂୟାଁ, ଜାଜବିଦ୍ୟଭୂଷଣ ପରିଡ଼ା, ନିରଞ୍ଜନ ମାଝୀ, ଶୁକ୍ରଦେବ ଶତପଥୀ, ସୁରେଶ କୁମାର ସ୍ୱାଇଁ, ସତ୍ୟେନ୍ଦ୍ର ସ୍ୱାଇଁ, ଅକ୍ଷୟ ପରିଡ଼ା, ବିଜୟ ମହାପାତ୍ର, ଦିନବନ୍ଧୁ ନାୟକଙ୍କ ସମେତ ପ୍ରମୁଖ ଅଂଚଳବାସୀ ଉପସ୍ଥିତ ଥିଲେ ସମସ୍ତ କାର୍ଯ୍ୟ କିପରି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ । ଯଜ୍ଞ ପରିଚାଳନା କମିଟି ପକ୍ଷରୁ ଉକ୍ତ ଯଜ୍ଞ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ସମସ୍ତ ଶ୍ରଦ୍ଧାଳୁ ଉକ୍ତମାନେ ଯୋଗଦାନ କରିବା ପାଇଁ ନିବେଦନ କରାଯାଇଛି ।

ନବରଙ୍ଗପୁର ଜିଲ୍ଲାରେ 'ଯୁବ ସମାଜ ପାଇଁ ତମାଖୁମୁକ୍ତ ଅଭିଯାନ ୪.୦'ର ଶୁଭାରମ୍ଭ

ନବରଙ୍ଗପୁର, ୦୬/୧୧ (ଆ.ପ୍ର) : ଯୁବପିଢ଼ିଙ୍କୁ ତମାଖୁ ସେବନର କୁପ୍ରଭାବରୁ ସୁରକ୍ଷିତ ରଖିବା ଏବଂ ଏକ ସୁସ୍ଥ ଓ ତମାଖୁମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ନବରଙ୍ଗପୁର ଆନୁକୂଲ୍ୟରେ ଆଜି 'ଯୁବ ସମାଜ ପାଇଁ ତମାଖୁମୁକ୍ତ ଅଭିଯାନ ୪.୦'ର ଶୁଭାରମ୍ଭ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମାଳ ଅଧ୍ୟକ୍ଷତା କରିଥିଲେ । ସେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତମାଖୁମୁକ୍ତ ସମାଜ ଗଠନ ନିମନ୍ତେ ଶପଥ ପାଠ କରାଇବା ସହ ଅଭିଯାନର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଜାଗପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଳୟ ପ୍ରଧାନ, ଏଡିପିଏଚ୍ଓ ଡା. ମଳୟ ତ୍ରିପାଠୀ, ଡିଏ



ଶ୍ରୀସିଦ୍ଧଚଣ୍ଡୀ ଆରମ୍ଭ
SEITHO ARAMBHA



ଶନିବାର, ୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ତନ୍ୱୀଙ୍କୁ ଐତିହାସିକ ରୌପ୍ୟ

ଭୁବନେଶ୍ୱର, ୬/୧୧ (ଆ.ପ୍ର) : ମାତ୍ର ୧୫ ବର୍ଷ ବୟସରେ ଓଡ଼ିଶାର ତନ୍ୱୀ ପତ୍ରୀ ପ୍ରଥମ ଭାରତୀୟ ମହିଳା ଭାବେ ଯୁବ ଅଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନ ପଦକ ଜିତି ଇତିହାସ ରଚିଛନ୍ତି । ସେନ୍‌ଗଲର ଡାକାରରେ ଆୟୋଜିତ ଏହି ପ୍ରତିଯୋଗିତାରେ ତନ୍ୱୀ ଫାଇନାଲ୍‌ରେ ଜାପି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିବେ ମଧ୍ୟ ଭାରତବାସୀଙ୍କ ହୃଦୟ ଜିଣିଛନ୍ତି । ପୂର୍ବତନ ଜେନ୍ଦ ୨ ଜଣ ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍‌ଏସ୍ ପ୍ରଣୟ (୨୦୧୦) ଓ ଲକ୍ଷ୍ୟ ସେନ୍ (୨୦୧୮) ଯୁବ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ । ଏବେ ତନ୍ୱୀ ଏମାନଙ୍କ କୁଢ଼ରେ ସାମିଲ ହୋଇଛନ୍ତି । ଗୁରୁବାର ମଧ୍ୟ ରାତ୍ରିରେ ଖେଳାଯାଇଥିବା ଫାଇନାଲ୍‌ରେ କଡ଼ା ସଂଘର୍ଷ କରି ସେ ୧୫-୨୧, ୨୧-୧୩, ୨୪-୨୬ରେ ଚାଇନିଜ ତାଇପି ଖେଳାଳୀଙ୍କୁ ପରାଜିତ ହୋଇଥିଲେ । ପ୍ରଥମ ଗେମ୍ ହାରିବା ପରେ ତନ୍ୱୀ ପ୍ରତ୍ୟାବର୍ତ୍ତନ କରି ତନ୍ୱୀ ୨୧-୧୩ରେ ଦ୍ୱିତୀୟ ଗେମ୍‌କୁ ଜିତି ସମାନ କରିଥିଲେ । ନିର୍ଣ୍ଣାୟକ ଗେମ୍‌ରେ ତନ୍ୱୀ ସଙ୍ଘର୍ଷରେ ବିଶ୍ୱ କନିଷ୍ଠ ବିଜୟିନୀ ଝାଙ୍ଗ୍‌ଙ୍କୁ ବାଟ ଛାଡ଼ି ନଥିଲେ । ଏହି ଗେମ୍‌ରେ ଏକଦା ୧୦-୧୯ରେ ପଛରେ ପଡ଼ିଥିବା ତନ୍ୱୀ ତମତ୍କାର ଖେଳି ୫ ମ୍ୟାଚ୍ ପଏଣ୍ଟ୍ ସେଭ୍ କରିବା ସହ ସ୍ଥିତି ୨୪-୨୪କୁ ଆଣିଥିଲେ । ହେଲେ ଝାଙ୍ଗ୍ ଶେଷ ଦୁଇ ପଏଣ୍ଟ୍ କରାୟତ୍ତ କରି ମ୍ୟାଚ୍‌କୁ ଜିତି ନେଇଥିଲେ । ଏହି ମ୍ୟାଚ୍ ୮୨ ମିନିଟ୍ ଧରି ଚାଲିଥିଲା । ପ୍ରକାଶ ପାଦୁକୋନ ବ୍ୟାଡ୍‌ମିଣ୍ଟନ ଏକାଡେମି (ପିପିବିଏ)ରେ ତାଲିମ ନେଉଥିବା ତନ୍ୱୀ ଏହି ପ୍ରତିଯୋଗିତାରେ ଦୃଢ଼ତାର ମାନ୍ୟତା ପାଇଥିଲେ । ଗ୍ରୁପ୍ ପର୍ଯ୍ୟାୟରେ ଦୃଢ଼ ପ୍ରଦର୍ଶନ କରିବା ପରେ କ୍ୱାର୍ଟରଫାଇନାଲ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ଆଇରାଣ୍ଡର କାଲଜିନ୍ କୁଙ୍କାଲାଇଙ୍କୁ ହରାଇ ପ୍ରଥମ ଭାରତୀୟ ମହିଳା ଭାବେ ସେମିଫାଇନାଲ୍‌ରେ ପହଞ୍ଚିଥିଲେ । ଏଠାରେ ସେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଜାପାନର ୟୁଜୁନୋ ଖୁବାନାବେଙ୍କୁ ହରାଇ ଫାଇନାଲ୍ ପହଞ୍ଚି ପୁଣି ଇତିହାସ ରଚିଥିଲେ ।



ସୂର୍ଯ୍ୟକୁମାର ଯାଦବ ଓ ତାଙ୍କ ପରିବାରକୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୬/୧୧ (ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ନୂଆଦିଲ୍ଲୀ ଠାରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ତାଙ୍କ ପରିବାରକୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାର ସମୟରେ ଉଭୟଙ୍କ ମଧ୍ୟରେ କ୍ରିକେଟକୁ ନେଇ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ସୂର୍ଯ୍ୟକୁମାରଙ୍କ ପିଲାମାନଙ୍କ ସହ କିଛି ସମୟ ବିତାଇ ଥିଲେ ଏବଂ କ୍ରିକେଟରଙ୍କ ଝିଅ ତାଙ୍କୁ ଭଜନ ଗାଇ ଶୁଣାଇ ଥିଲେ । ଏହି ସାକ୍ଷାତର ଫଟୋଗୁଡ଼ିକରେ ସୂର୍ଯ୍ୟକୁମାର ୨୦୨୬ ଟି-୨୦ ବିଶ୍ୱକପ୍ ବିଜୟର ସ୍ମୃତି ପଦକ ପିନ୍ଧି ଥିବାର ନଜର ଆସି ଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ସେହି ପଦକକୁ ନିଜ ହାତରେ ଧରି ଥିଲେ । ଭାରତୀୟ ଦଳର ଐତିହାସିକ ବିଜୟ ସହ ଜଡ଼ିତ ସ୍ମୃତି ମଧ୍ୟରେ ଏହି ସାକ୍ଷାତକାର ହୋଇ ଥିଲା । ପ୍ରଧାନମନ୍ତ୍ରୀ ମୋଦି ନିଜର ଏକ ଆଶ୍ଚାର୍ଯ୍ୟଜନକ ଦାଏାଦକି ସହ ଜଡ଼ିତ



ଏକ ବାଟି ଶେୟାର କରି ଥିଲେ । ସେ ଲେଖିଛନ୍ତି ଯେ , ଦାପାଦକି ମାଡୋରରେ ଭଗବାନ ଗାମ ଓ ସରଯୂକ ଆଗମନ ହୋଇଛି, ଯାହା ଚଳିତ ବର୍ଷର ଦାପାଦକି ପରିବେଶକୁ ଆହୁରି ପବିତ୍ର ଓ ଦିବ୍ୟ କରି ଦେଇଛି । ପ୍ରଧାନମନ୍ତ୍ରୀ ନିଜ ପୋଷ୍ଟରେ ଏହି ପର୍ବର ଧାର୍ମିକ ଓ ଆଧ୍ୟାତ୍ମିକ ମହତ୍ୱ ବିଷୟରେ ଉଲ୍ଲେଖ କରିଛନ୍ତି । ସାରା ଦେଶରେ ଦୀପାବଳି ଉତ୍ସବ ପାଳନ କରାଯାଉଥିବା ସମୟରେ ତାଙ୍କର ଏହି ମନ୍ତବ୍ୟ ଆସିଛି । ପ୍ରଧାନମନ୍ତ୍ରୀ ନିଜ ପୋଷ୍ଟ ସହ ସୂର୍ଯ୍ୟକୁମାର ଯାଦବ ଓ ତାଙ୍କ ପରିବାର ସହ ହୋଇଥିବା ସାକ୍ଷାତର ଫଟୋ ମଧ୍ୟ ସେୟାର କରିଛନ୍ତି । ସୂର୍ଯ୍ୟକୁମାର ଯାଦବ ନିଜ କ୍ରିକେଟ କ୍ୟାରିୟରରେ ଅନେକ ବଡ଼ ସଫଳତା ହାସଲ କରିଛନ୍ତି । ତାଙ୍କୁ ୨୦୨୨ ଓ ୨୦୨୩ରେ ଆଇସିସି ବର୍ଷର ଶ୍ରେଷ୍ଠ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟର ଭାବେ ବଛାଯାଇଥିଲା । ଅକ୍ଟୋବର ୨୦୨୬ରେ ସେ ଆଇସିସି ଟି-୨୦ ବ୍ୟାଟିଂ ରାଙ୍କିଂରେ ବିଶ୍ୱର ନମ୍ବର ୱାନ୍ ବ୍ୟାଟର ହୋଇଥିଲେ । ଜାନୁଆରୀ ୨୦୨୩ରେ ସେ ୧୧୦ ରେଟିଂ ପଏଣ୍ଟ ହାସଲ କରିଥିଲେ, ଯାହା ଏହି ଫର୍ମାଟରେ ଏପର୍ଯ୍ୟନ୍ତ ଥିବା ସର୍ବାଧିକ ପଏଣ୍ଟଗୁଡ଼ିକ ମଧ୍ୟରୁ ଅନ୍ୟତମ । ୨୦୨୪ ଟି-୨୦ ବିଶ୍ୱକପରେ ମଧ୍ୟ ସେ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହାପରେ ତାଙ୍କ ଅଧିନାୟତ୍ୱରେ ଭାରତ ୨୦୨୫ରେ ସଂଯୁକ୍ତ ଅରବ ଏମିରେଟ୍ସ (ୟୁଇ)ରେ ଏସିଆ କପ୍ ଟାଇଟଲ ଜିତି ଥିଲା ।

ଚଳନ୍ତା ଟ୍ରେନ୍‌ରେ ଲାଗିଲା ନିଆଁ, ଜଳିଗଲା ୪ ବଗି



ନୂଆଦିଲ୍ଲୀ, ୬/୧୧ (ନ୍ୟୁ.ଏ): ଚଳନ୍ତା ଟ୍ରେନ୍‌ରେ ଲାଗିଲା ନିଆଁ । ପଞ୍ଜାବର ପଟିଆଲା ଜିଲ୍ଲାର ଗାଜୀପୁରା ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ବେଜେ ଘଟିଛି ଏହି ଘଟଣା । ଅମୃତସରରୁ ନ୍ୟୁ ଜଲପାଇଗୁଡ଼ିକୁ ଅଭିମୁଖେ ଯାଉଥିବା ଜମ୍ମୁତ୍ୱି ଏକ୍ସପ୍ରେସର ୪ଟି ବଗିରେ ଲାଗି ଯାଇଥିଲା ନିଆଁ । ରେଳବାଇ ପକ୍ଷରୁ ନିଆଁକୁ ଲିଭାଇ ଦିଆଯାଇଥିବା ବେଳେ କେହି ହତାହତ ହେବାର ଖବର ଆସିନାହିଁ । ସରକାରୀ ରେଳବାଇ ପୁଲିସ (ଜିଆରପି) ଏଏସ୍‌ଓଙ୍କ ଗୁରୁପ୍ରୀତ ସିଂହ କହିଛନ୍ତି ଯେ ଗୋଟିଏ ବଗିର ଏକ ପ୍ୟାନ୍‌ରେ ଶର୍ଟ ସର୍କିଟ୍ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିଲା । ପ୍ରଥମେ ସେହି ବଗିରେ ନିଆଁ ଲାଗିଥିଲା । ପରେ ଏହା ଅନ୍ୟ ବଗିଗୁଡ଼ିକୁ ବ୍ୟାପି ଯାଇଥିଲା । ନିଆଁ ଲାଗିବା ଦେଖି ଯାତ୍ରୀମାନେ ଚୟନବାଦ ଘୋଷଣା କରିଥିଲା । ଟ୍ରେନ୍ ରହିବା ପରେ ଯାତ୍ରୀମାନେ ଖୁସିର ସାଇଥିଲେ । ଦେଖୁ ଦେଖୁ ନିଆଁ ଗୋଟିଏ ପରେ ଗୋଟିଏ ୪ଟି ବଗିକୁ ବ୍ୟାପି ଯାଇଥିଲା । ଟ୍ରେନ୍‌ରେ ନିଆଁ ଲାଗିଥିବା ଖବର ପାଇବା ପରେ ରେଳବାହାର ଅନେକ ଅଧିକାରୀ ଓ ସୁରକ୍ଷା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ଟ୍ରେନ୍‌ରୁ ନିଆଁ ଲାଗିଥିବା ବଗିଗୁଡ଼ିକୁ ଅଲଗା କରାଯାଇଥିଲା । ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଯାତ୍ରୀମାନଙ୍କୁ ଅନ୍ୟ ଏକ ଟ୍ରେନ୍‌ରେ ଗନ୍ତବ୍ୟସ୍ଥଳକୁ ପଠାଇବାକୁ ବ୍ୟବସ୍ଥା କରାଯାଇଥିଲା ।

ଅମିତାଭ ବଚ୍ଚନଙ୍କ ବଙ୍ଗଳା, ବମ୍ବେ ହାଇକୋର୍ଟ ଓ ବିଏସ୍‌ଇକୁ ବୋମାରେ ଉଡ଼ାଇଦେବାକୁ ଧମକ



ମୁମ୍ବାଇ, ୬/୧୧ (ନ୍ୟୁ.ଏ): ମୁମ୍ବାଇର ଏକାଧିକ ହାଇ-ପ୍ରୋଫାଇଲ ସ୍ଥାନକୁ ବୋମାରେ ଉଡ଼ାଇ ଦେବାକୁ ଆସିଛି ଧମକପୂର୍ଣ୍ଣ ଇ-ମେଲ । ବମ୍ବେ ହାଇକୋର୍ଟକୁ ଆସିଛି ଏହି ଧମକପୂର୍ଣ୍ଣ ଇ-ମେଲ । ଏଥିରେ ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ବଙ୍ଗଳା 'ଜଲସା', ବମ୍ବେ ହାଇକୋର୍ଟ, ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଓ ଡ୍ରଗ୍ସ ରେଗୁଲେଟରଙ୍କୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି । ଏହି ଧମକପୂର୍ଣ୍ଣ ଇ-ମେଲ ମିଳିବା ପରେ ମୁମ୍ବାଇ ପୁଲିସ ପକ୍ଷରୁ ତତ୍ପର ଆରମ୍ଭ କରାଯାଇଛି । ଇ-ମେଲ ପଠାଇଥିବା ବ୍ୟକ୍ତିଙ୍କୁ ଠାବ କରିବାକୁ ପ୍ରୟାସ କରୁଛି ପୁଲିସ । ଏହା ସହିତ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି । ଅମିତାଭ ବଚ୍ଚନଙ୍କୁ ଗତ କିଛି ଦିନ ଧରି ଏହି ଧମକ ମିଳିଥିଲା । ଏହା ଦେଖିବା ପରେ ବଢିଉଡ୍ ଷ୍ଟାର ଓ ସେମାନଙ୍କ ପରିବାର ଲୋକଙ୍କ ସୁରକ୍ଷା ବିଷୟ ଜରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଦାବି କରିଥିବା ଅର୍ ଇଣ୍ଡିଆ ସିନେ ୱାର୍କର୍ସ ଆସୋସିଏସନ୍ । ଅମିତାଭଙ୍କ ଉଦ୍ଦେଶ୍ୟରେ ପ୍ରଥମ ଧମକପୂର୍ଣ୍ଣ ଇ-ମେଲ ଆସିବା ପୂର୍ବରୁ ଅକ୍ଟୋବର ୧୮ ତାରିଖରେ ବଲିଉଡ୍ ଷ୍ଟାର ଟାଇଗର ଶ୍ରଫଙ୍କୁ ଟାର୍ଗେଟ କରି ତାଙ୍କ ଜାର ଉପରକୁ ଜରାଯାଇଥିଲା ଗୁଳିମାଡ଼ । ଏଥିରୁ ଅଳ୍ପକେ ବଞ୍ଚି ଯାଇଥିବାରେ ଟାଇଗର । ଏହି ଘଟଣା ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନିଜକୁ ଦାୟୀ କରିଥିଲା ।

ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପରାମର୍ଶଦାତା କୋଚ୍ ଭାବେ ନିଯୁକ୍ତ ହେଲେ ମାଇକେଲ୍ ହସି

ସିଡନୀ, ୬/୧୧ (ନ୍ୟୁ.ଏ):ଅଷ୍ଟ୍ରେଲିଆର ପୂର୍ବତନ ବିସ୍ଫୋରକ ବ୍ୟାଟ୍‌ସମ୍ୟାନ୍ ତଥା 'ମିଷ୍ଟର କ୍ରିକେଟ୍' ଭାବେ ପରିଚିତ ମାଇକେଲ୍ ହସି ଅଷ୍ଟ୍ରେଲିଆ ଜାତୀୟ କ୍ରିକେଟ୍ ଦଳର ପ୍ରମୁଖ କୋଚିଂ କ୍ୟାମ୍ପରେ ସାମିଲ ହୋଇଛନ୍ତି । କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ତାଙ୍କୁ ଆଗାମୀ ୨୦୨୭ ଏକଦିବସୀୟ ବିଶ୍ୱକପ୍ ଏବଂ ବହୁ ପ୍ରତୀକ୍ଷିତ ଆଶେଜ୍ ସିରିଜ୍ ପାଇଁ ଦଳର ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି । ଏହାସହ ସେ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ ଏବଂ ଅଷ୍ଟ୍ରେଲିଆ-ନ୍ୟୁଜିଲ୍ୟାଣ୍ଡ ମିଳିତ ଭାବେ ଆୟୋଜନ କରିବାକୁ ଥିବା ଟି-୨୦ ବିଶ୍ୱକପ୍ ପାଇଁ ଟି-୨୦ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ । ରିପୋର୍ଟ ମୁତାବକ, ଇଂଲଣ୍ଡ ଟେଷ୍ଟ ଦଳର କୋଚ୍



ଷ୍ଟିଫେନ୍ ଫ୍ଲେମିଙ୍ଗ ଅନୁରୋଧ କ୍ରମେ ମାଇକେଲ୍ ହସିଙ୍କୁ ଚଂଚଣ୍ଡ କୋଚିଂ ଟିମରେ ଯୋଗଦେବାକୁ ଅପର୍ଯ୍ୟ ମିଳିଥିଲା । ଚିବୁ ସେହି ପ୍ରସ୍ତାବକୁ ଏଡ଼ାଇ ହସି ନିଜ ଦେଶ ଅଷ୍ଟ୍ରେଲିଆ ସହିତ କାମ କରିବାକୁ ପସନ୍ଦ କରିଛନ୍ତି । ହସିଙ୍କ ଏହି ନୂତନ କାର୍ଯ୍ୟଭାର ଜଂଚଣ୍ଡ ବିପକ୍ଷ ଆଗାମୀ ଟି-୨୦ ସିରିଜ୍‌ରୁ ଆରମ୍ଭ ହେବ । ଏଥିପରେ ସେ ପର୍ଯ୍ୟାୟ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଦଳର ବ୍ୟାଟ୍‌ସମ୍ୟାନମାନଙ୍କୁ ପ୍ରସ୍ତୁତ କରିବାରେ ସହଯୋଗ କରିବେ । ଅଷ୍ଟ୍ରେଲିଆର ମୁଖ୍ୟ ପ୍ରଶିକ୍ଷକ ଆଣ୍ଡ୍ରୁ ମ୍ୟାକ୍ଡୋନାଲ୍ଡ ଏହି ନିଯୁକ୍ତିକୁ ସ୍ୱାଗତ କରି କହିଛନ୍ତି ଯେ, ବିରାଟ ଫର୍ମାଟ୍, ଏବଂ ଦେଶରେ ଜଣେ ଖେଳାଳି ଓ କୋଚ୍ ଭାବେ ହସିଙ୍କର ଦୀର୍ଘଦିନର ଅଭିଜ୍ଞତା ଦଳ ପାଇଁ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହେବ ।

ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ମନ୍ତବ୍ୟ ପାଇଁ ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ବିରୋଧରେ ମାମଲା



ଆଗ୍ରା, ୬/୧୧ (ନ୍ୟୁ.ଏ): ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଧାର୍ମିକ ପ୍ରବକ୍ତା ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ବିରୋଧରେ ଆଗ୍ରାର ଏକ ଅଦାଲତରେ ଆପରାଧିକ ମାନହାନି ଅଭିଯୋଗ ଦାଏର ହୋଇଛି । ଓକିଲ ଅଜୟ ପ୍ରତାପ ସିଂହ ଏହି ଅଭିଯୋଗ ଆଣିଛନ୍ତି । ଶାସ୍ତ୍ରୀଙ୍କ ମନ୍ତବ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ଭକ୍ତଙ୍କ ଧାର୍ମିକ ଭାବନାକୁ ଆଘାତ ଦେବା ସହ ତାଙ୍କ ବଂଶଧରମାନଙ୍କ ସାମାଜିକ ସମ୍ମାନକୁ ଖୁର୍ବ କରିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି । ମଥୁରାର ଶିବପୁରା ଜିଲ୍ଲା ଅନ୍ତର୍ଗତ କରେରାଠାରେ ଏକ ରାମଲଲା କାର୍ଯ୍ୟକ୍ରମରେ ଶାସ୍ତ୍ରୀ ଭଗବାନ ରାମ ଓ ଶ୍ରୀକୃଷ୍ଣଙ୍କ ଶାରୀରିକ ଭଙ୍ଗୀ ତୁଳନା କରିଥିବେ । ଅଭିଯୋଗ ଅନୁସାରେ ସେ କହିଥିଲେ, କୃଷ୍ଣଙ୍କ ଭକ୍ତମାନେ ହୁଏତ ଖରାପ ଭାବିପାରନ୍ତି, କିନ୍ତୁ କୃଷ୍ଣ ବହୁତ ଚଙ୍ଗା । ସେ ଠିଆ ହେଲେ ମଧ୍ୟ ତିନିଟି ସ୍ଥାନରେ ବଙ୍କା ହୋଇଥାନ୍ତି, ଯାହାକୁ ତାଙ୍କର ତ୍ରିଭଙ୍ଗ ଠାଣି କୁହାଯାଏ । ଏହି ମନ୍ତବ୍ୟକୁ ନେଇ ଅଜୟ ପ୍ରତାପ ସିଂହ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି । ତାଙ୍କ ଯୁକ୍ତି ଅନୁଯାୟୀ, କୃପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ମାନବ ରୂପରେ ଜନ୍ମ ନେଇଥିଲେ ଏବଂ ତାଙ୍କ ବଂଶଧରମାନେ ଏବେ ମଧ୍ୟ ଭାରତରେ ବସବାସ କରୁଛନ୍ତି । ଏହାର ସମର୍ଥନରେ ସେ ଯାଦବ, ଜାଡେଜା ଓ ଗାତି ଭଳି ସମ୍ପ୍ରଦାୟର ଐତିହାସିକ ଉଲ୍ଲେଖ କରିଛନ୍ତି । ନିଜେ ମଧ୍ୟ ମାତୃପକ୍ଷରୁ ଶ୍ରୀକୃଷ୍ଣଙ୍କ ବଂଶଧର ବୋଲି ସେ ଦାବି କରିଛନ୍ତି । ଏହି ଅଭିଯୋଗର ପ୍ରାଥମିକ ଶୁଣାଣି ସିଜିଏମ୍ ଚନ୍ଦ୍ର କୁମାରଙ୍କ ଅଦାଲତରେ ହୋଇଥିଲା । ଅଦାଲତ ମାମଲା ପଞ୍ଜୀକୃତ କରିବା ସହ ଆସନ୍ତା ଡିସେମ୍ବର ୧୪ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଏହି ମନ୍ତବ୍ୟକୁ ନେଇ ବିବାଦ ଦେଖାଦେବା ପରେ ଧୀରେନ୍ଦ୍ର ଶାସ୍ତ୍ରୀ ନରେମ୍ବର ୩ ତାରିଖରେ କ୍ଷମା ପ୍ରାର୍ଥନା କରିଥିଲେ । ତାଙ୍କ କହିବା ଅନୁଯାୟୀ, ଏକ ଭକ୍ତିମୂଳକ ପଦର ବ୍ୟାଖ୍ୟା କରିବା ସମୟରେ ସେ ଏହି କଥା କହିଥିଲେ । ତାଙ୍କ ମନ୍ତବ୍ୟକୁ ଭୁଲ୍ ଭାବେ ବୁଝାଯାଇଛି ଏବଂ ଭଗବାନ ରାମ ଓ କୃଷ୍ଣଙ୍କ ମଧ୍ୟରେ ଭେଦ ସୃଷ୍ଟି କରିବା ତାଙ୍କ ଉଦ୍ଦେଶ୍ୟ ନଥିଲା । ଲାଖର ଭାବନା ଆଘାତ ପାଇଥିଲେ ସେଥିପାଇଁ ସେ କ୍ଷମା ମାଗିଥିଲେ ।

ଦିଲ୍ଲୀ ପ୍ରଦୂଷଣ ପାଇଁ ଗାଡ଼ିଧୂଆଁ ପ୍ରମୁଖତଃ ଦାୟୀ

ନୂଆଦିଲ୍ଲୀ, ୬/୧୧ (ନ୍ୟୁ.ଏ): ଦିଲ୍ଲୀ ଓ ଏହାର ଆଖପାଖ ଅଂଚଳରେ ବାୟୁ ପ୍ରଦୂଷଣ ଉଦବେଗଜନକ ସ୍ତରରେ ପହଂଚିଥିବା ବେଳେ ସୁପ୍ରିମ୍‌କୋର୍ଟ ଏଥିପାଇଁ ଯାନବାହନକୁ ନିର୍ଗତ ଧୂଆଁକୁ ଅନ୍ୟତମ ପ୍ରମୁଖ କାରଣ ବୋଲି କହିଛନ୍ତି । ଶୁକ୍ରବାର ଦିଲ୍ଲୀ-ଏନ୍‌ସିଆରର ବାୟୁ ପ୍ରଦୂଷଣ ସମ୍ପର୍କିତ ଏକ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ଗି. ମୋହନାଙ୍କ ଖଣ୍ଡପୀଠ ଏହି ମତ ଦେଇଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦୂରନ୍ତ, ମଧ୍ୟମ ଓ ଦୀର୍ଘମିଆଦୀ ପଦକ୍ଷେପ ଗ୍ରହଣ କରିବାକୁ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି । ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ, ଆମେ କେବଳ ଆଲୋଚନା କରୁଛୁ, ବିବୃତି ଦେଉଛୁ ଓ ପରାମର୍ଶ ଦେଉଛୁ । କିନ୍ତୁ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଏବେ ୪୦୦ ଛୁଇଁଲାଣି । ଦିଲ୍ଲୀରୁ ଗାଜିଆବାଦ, ଗ୍ରେଟର ନୋଏଡା, ଗୁରୁଗ୍ରାମ ଓ ଫରିଦାବାଦକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରବଳ ଯାନବାହନ ଭିଡ଼ ନେଇ ଖଣ୍ଡପୀଠ ଚିନ୍ତା ପ୍ରକଟ କରିଥିଲେ । ରାସ୍ତାରେ ଗାଡ଼ିଗୁଡ଼ିକ ପରସ୍ପରକୁ ଲାଗି ଚାଲୁଥିବାରୁ ପ୍ରଦୂଷଣ ବଢୁଛି ବୋଲି ପ୍ରଧାନ ବିଚାରପତି କହିଥିଲେ । ଖଣ୍ଡପୀଠ କହିଥିଲେ, ପ୍ରଦୂଷଣରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଗରିବ ଲୋକ । ବିଶେଷକରି ଦିନମଜୁରିଆ ଓ ଅନ୍ୟ ଶ୍ରମଜୀବୀମାନେ ପ୍ରଦୂଷିତ ପରିବେଶରେ ବାହାରେ କାମ କରିବାକୁ ବାଧ ହେଉଛନ୍ତି । ପାର୍କ ସମୟ ସେମାନଙ୍କ ଭୋଜଗାର ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନଙ୍କ ଜୀବିକା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ମାମଲାରେ ଅଦାଲତଙ୍କୁ ସହାୟତା କରୁଥିବା ବରିଷ୍ଠ ଆଇନଜୀବୀ ଅପରାଜିତା ସିଂହ କହିଥିଲେ, ଦିଲ୍ଲୀର ପ୍ରଦୂଷିତ ବାୟୁରେ ନିଃଶ୍ୱାସ ନେବା ଦିନକୁ ୩୦ଟି ସିଗାରେଟ୍ ଟାଣିବା ସହ ସମାନ । ଗୁରୁତାର ଦିଲ୍ଲୀର ମୋଟ ପ୍ରଦୂଷଣରେ



ନଡ଼ାପୋଡ଼ିର ଅବଦାନ ପ୍ରାୟ ୧୪ ପ୍ରତିଶତ ଥିବା । ତେବେ ଯାନବାହନ, ଶିଳ୍ପ ବ୍ୟବସାୟ ଓ ଆବର୍ଜନା ପୋଡ଼ି ଯୋଗୁଁ ଦିଲ୍ଲୀର ବାୟୁ ପୂର୍ବରୁ ପ୍ରଦୂଷିତ ରହୁଛି । ନଡ଼ାପୋଡ଼ି ବନ୍ଦ କରିବା ପାଇଁ ଚାଷୀମାନଙ୍କୁ ଯନ୍ତ୍ରପାତି ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କହିଥିଲେ, ଶିଳ୍ପ ପ୍ରଦୂଷଣ, ଯାନବାହନ ଧୂଆଁ, ନିର୍ମାଣ ଓ ଭଙ୍ଗାଚାଟର ଧୂଳି, ରାସ୍ତାଧୂଳି ଏବଂ ନଡ଼ାପୋଡ଼ି ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ରହିଛି । କେତେକ ଶ୍ରେଣୀର ଗାଡ଼ି ପ୍ରବେଶ ଉପରେ କଟକଣା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରର ଭୌଗୋଳିକ ସ୍ଥିତି ଚିହ୍ନଟ ଏବଂ ଅ